
THE AADHAR ODISHA

# ଆଧାର ଓଡ଼ିଶା

ଏକ ନିଆରା ସାପ୍ତାହିକୀ

RNI Title Code No. ODIODI08073



ବଡ଼ ସଫଳତା ପାଇବାକୁ ଚାହୁଁଥିବା ଲୋକେ ପ୍ରଥମେ ସେଥିପାଇଁ ଛୋଟ ଉଦ୍ୟମ କରିବା ଦରକାର ।
– ସ୍ୱାମୀ ବିବେକାନନ୍ଦ

♦ବର୍ଷ–୧ ♦ସଂଖ୍ୟା–୫୨ ♦ବରଗଡ଼ ♦୪–୧୦ ନଭେମ୍ବର ୨୦୨୨ ♦୫ ଟଙ୍କା ♦ପୃଷ୍ଠା–୮ | ♦VOL-1 ♦ISSUE- 52♦BARGARH ♦4-10 NOVEMBER 2022 ♦RS.5/- ♦PAGE-8

ବିପଦପୂର୍ଣ୍ଣ ଅବସ୍ଥାରେ ରାୟଗଡ଼ା ଝୁଲାପୋଲ
ପୃଷ୍ଠା–୩➔




ଅଭିନୟ ଆଣିଛି ପରିଚୟ
ପୃଷ୍ଠା–୫➔



କିଡ୍‌ନୀ ରୋଗ ନେଉଛି ଜୀବନ: ୪ ବର୍ଷରେ ମଲେଣି ୪୦
ପୃଷ୍ଠା–୭➔



ପୋଲସରାର ଡେରା ପର୍ବ : ଏକ ନିଆରା ଯାତ୍ରା
ପୃଷ୍ଠା–୮➔



# ସାପ ଭୟରେ ଆମିଷ ଖାଆନ୍ତିନି ଲୋକେ

## ମଧ୍ୟାହ୍ନ ଭୋଜନରେ ପିଲାଙ୍କୁ ଅଣ୍ଡା ବଦଳରେ ଦିଆଯାଏ କଦଳୀ ଓ ଫଳମୂଳ

## ଆମିଷ ଖାଉଥିବା ଝିଅକୁ ବୋହୂ କରାଯାଏ ନାହିଁ

ଭୁବନେଶ୍ୱର/ଢେଙ୍କାନାଳ: ଲୋକମାନେ ସାଧାରଣତଃ କାର୍ତ୍ତିକ କିମ୍ବା ମାର୍ଗଶୀର ମାସରେ ଆମିଷ ଖାଇ ନ ଥାନ୍ତି । ମାତ୍ର ଏମିତି ଏକ ଗାଁ ଅଛି ଯେଉଁଠି ବର୍ଷକ ବାର ମାସ ପିଲାଠୁ ନେଇ ବୁଢ଼ା ପର୍ଯ୍ୟନ୍ତ କେହି ବି ଆମିଷ ଖାଇ ନ ଥାନ୍ତି । ସମସ୍ତେ ନିରାମିଷ ଖାଇଥାନ୍ତି । ଏହି ଗାଁକୁ ନିରାମିଷ ଗାଁ ବୋଲି ମଧ୍ୟ କୁହାଯାଏ । ଆମିଷ ଖାଇବା ନେଇ ଲୋକଙ୍କ ମନରେ ନାନା ପ୍ରକାରର ତଥାକଥିତ ପ୍ରଥା ଓ ଲୋକକଥା ରହି ଆସିଛି । ଆମିଷ ଖାଇଲେ ଚୋଟ ମାରି ଗୋଖର ସାପ ଜୀବନ ନେଇଯିବ । ଆଖି ଫୁଟିଯିବ ନହେଲେ ଜୀବନ ଚାଲିଯିବ । ଏପରି ଏକ ଅଜବ ଓ ତଥାକଥିତ ପ୍ରଥାରେ ଉକ୍ତ ଗାଁର ଲୋକ ବିଶ୍ୱାସ କରନ୍ତି । ଏକଥା ଶୁଣି ଆପଣ ଆଶ୍ଚର୍ଯ୍ୟ ହେଉଥିବେ ନିଶ୍ଚୟ । ଆଶ୍ଚର୍ଯ୍ୟ ଲାଗିଲେ ବି ଏମିତି ବିଶ୍ୱାସ ରହି ଆସିଛି ଢେଙ୍କାନାଳ ଜିଲ୍ଲା ଭୁବନ ଅଧୀନରେ ଥିବା ବେଣ୍ଟଶାଳିଆ ଗାଁରେ । ଏ ବିଶ୍ୱାସ ଆଜି କି କାଲିର ନୁହେଁ, କାହୁଁ କେଉଁ କାଳୁ ରାଜରାଜୁଡା ଅମଳରୁ ଗାଁର ଲୋକେ ଏ କଥାକୁ ବିଶ୍ୱାସ କରି ଆସୁଛନ୍ତି । ଆଉ ସେଇଥିପାଇଁ ଗାଁରେ ନା କେହି ଆମିଷ ଖାଆନ୍ତି, ନା ଏ ଗାଁରେ ଆମିଷ ପଶେ । ଏମିତି କି ଏ ଗାଁରେ କେହି ଛେଳି କୁକୁଡା ବତକ ମଧ୍ୟ ରଖି ନାହାନ୍ତି । ଏ ଗାଁର କୁକୁର ବିଲେଇ ମଧ୍ୟ ଆମିଷ ଖାଆନ୍ତି ନାହିଁ । ଏଠି ଆମିଷ ଖାଇବା ତ ଦୁରର କଥା ଭୟରେ ଏହି ଗାଁକୁ କେହି ଆମିଷ ବିକ୍ରି କରିବାକୁ ମଧ୍ୟ ଆସନ୍ତି ନାହିଁ । ଏଠାକାର ଲୋକଙ୍କ ଭିତରେ ବିଶ୍ୱାସ ରହିଛି ଯେ ଯିଏ ବି ମାଛ, ମାଂସ, ଅଣ୍ଡା ଭଳି କୌଣସି ବି ଆମିଷ ଖାଦ୍ୟ ଖାଇବ ତାକୁ ଗୋଖର ସାପ ଗୋଡ଼ାଇ ଗୋଡ଼ାଇ ଚୋଟ ମାରିବ।

ଲୋକଙ୍କ କହିବା କଥା ହେଲା, ପୂର୍ବ କାଳରେ ଏହି ଗାଁରେ ଭାଗବତ ସଂକୀର୍ତ୍ତନ ଚାଲିଥିବା ବେଳେ ଜଣେ ମାଛ ବ୍ୟବସାୟୀ ପଶି ଆସିଥିଲେ । ତାଙ୍କୁ ଲୋକମାନେ ଗାଁକୁ ଯିବାକୁ ବାରଣ କରିଥିଲେ ବି ସେ କିଛି ଶୁଣି ନଥିଲେ । ସେ ଗାଁ ବାଟ ଦେଇ ଅନ୍ୟତ୍ର ଯିବାକୁ ଚେଷ୍ଟା କରୁଥିବା ବେଳେ ଘଟିଥିଲା ଅଘଟଣ । ହଠାତ୍ ଗଛ ଉପରୁ ଗୋଟିଏ ଗୋଖର ସାପ ଆସି ତାଙ୍କୁ ଦଂଶନ କରିଥିଲା । ଲୋକମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମ ଦେବତୀ ସୁନାଝରୀଙ୍କ ନିକଟରେ ସମର୍ପଣ କରିଥିଲେ । ସେଠାରେ ସେ ପଡ଼ି ରହିବା ପରେ ମା'ଙ୍କ କୃପାରୁ ଆରୋଗ୍ୟ ଲାଭ କରିଥିଲେ । ବାସ୍ ସେହିଦିନ ଉକ୍ତ ଲୋକକଥାକୁ ବିଶ୍ୱାସ ➔ପୃଷ୍ଠା–୭

## ସମ୍ପାଦକୀୟ

ଇଏ ଅତିଥି, ସିଏ ବି ଅତିଥି

# ବରଗଡ଼ ଧନୁଯାତ୍ରା : କଂସ ରେସ୍‌ରେ ୬୦ କଳାକାର

ବରଗଡ଼: ପାଖେଇ ଆସିଲାଣି ବରଗଡ଼ ଧନୁଯାତ୍ରା । ଖୋଲା ମଞ୍ଚରେ ପରିବେଷିତ ହେଉଥିବା ଏହି ଯାତ୍ରାରେ ସୁଯୋଗ ପାଇବା ନିମନ୍ତେ କଳାକାରଙ୍କ ମଧ୍ୟରେ ପରିଲକ୍ଷିତ ହୁଏ ଅହେତୁକ ଆକର୍ଷଣ । ମୁଖ୍ୟତଃ କଂସର ଠାଣି, ହସ ଦେଖିବାକୁ ପ୍ରବଳ ଭିଡ଼ ଜମେ । ତେଣୁ ଏହି ଭୂମିକା ପାଇବାକୁ କଡ଼ାକଡ଼ି ଟକ୍କରର ସମ୍ମୁଖୀନ ହୋଇଥାନ୍ତି କଳାକାର । ଗତ ୨ ବର୍ଷ କରୋନା ଯୋଗୁ ବରଗଡ଼ ଧନୁଯାତ୍ରା ବନ୍ଦ ଥିବା ବେଳେ ଚଳିତ ବର୍ଷ ଡିସେମ୍ବର ୨୭ରେ ଆରମ୍ଭ ହେବ ଏହି ବିଶ୍ୱପ୍ରସିଦ୍ଧ ଯାତ୍ରା । ୧୧ ଦିନ ଧରି ଚାଲିବାକୁ ଥିବା ଏହି ଯାତ୍ରା ଦେଖିବାକୁ ପ୍ରବଳ ଭିଡ଼ ଜମେ । ଚଳିତ ବର୍ଷ ବରଗଡ଼ ଧନୁଯାତ୍ରା କମିଟିକୁ ୭୫ ବର୍ଷ ପୂରୁଥିବା ➔ପୃଷ୍ଠା–୭

# ଯାତ୍ରାରେ ଅଶ୍ଳୀଳତା କେତେ ଗ୍ରହଣୀୟ



ଭୁବନେଶ୍ୱର/ଭଦ୍ରକ: ତଳେ ଖଚାଖଚ ଦର୍ଶକଙ୍କ ଭିଡ, ମଞ୍ଚ ଉପରେ ନୃତ୍ୟ କରୁଥିଲେ ଡ୍ୟାନ୍ସର ରାନୀ ପ୍ରିୟଦର୍ଶିନୀ । ଅକ୍ଟୋବର ୨୭ ତାରିଖ ରାତିରେ ଭଦ୍ରକ ଜିଲ୍ଲା ଚରମ୍ପାରେ ଖେଳୁଥିଲା ରାଜ ନନ୍ଦିନୀ ଅପେରା । ଆଉ ଏଠାରେ ରେକର୍ଡ ଡ୍ୟାନସରେ ମଜି ଯାଇଥିଲେ ହଜି ଯାଇଥିଲେ ରାନୀ । ଛୋଟ ଛୋଟ କଷ୍ଟ୍ୟୁମ୍ ପିନ୍ଧିଥିଲେ ଭଲ ମେକଅପ୍ ବି ନେଇଥିଲେ । ଦର୍ଶକଙ୍କ ମନୋରଞ୍ଜନ ପାଇଁ ବଛା ବଛା ବଲିଉଡ ବିଟ୍‌ରେ ନୃତ୍ୟ ପରିବେଶଣ ବି କରୁଥିଲେ । ମାତ୍ର ଅଙ୍ଗ ପ୍ରଦର୍ଶନର ସୀମା ଏତେ ଟପିଯାଇଥିଲା ଯେ, ନିଜ କ୍ରୋଧକୁ ସମ୍ଭାଳି ପାରିନଥିଲେ ପେଣ୍ଡାଲ ନିକଟରେ ବସିଥିବା ଜଣେ ମହିଳା । ରାନୀଙ୍କ ନୃତ୍ୟ ଦେଖି ଚିହିଁଙ୍କି ଉଠିଲେ । ତାଙ୍କ ଉପରକୁ ଚପଲ ଫୋପାଡ଼ିବା ସହ ସିଧା ଷ୍ଟେଜକୁ ଚଢ଼ିଲେ ଆଉ ନୃତ୍ୟ ବନ୍ଦ କରିଦେଲେ । ମହିଳାଙ୍କ ବିରୋଧ ପରେ ଦୀର୍ଘ କିଛି ସମୟ ପାଇଁ ନୃତ୍ୟ କାର୍ଯ୍ୟକ୍ରମ ବନ୍ଦ ରହିଥିଲା । ଯାତ୍ରା କମିଟି ସଦସ୍ୟ ମହିଳାଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା । ଏବେ କିନ୍ତୁ ଏହି ଘଟଣାର ସମ୍ପୂର୍ଣ୍ଣ ଭିଡିଓ ଭାଇରାଲ୍ ହେବା ପରେ ହଇଚଇ ସୃଷ୍ଟି କରିଛି । ଭଦ୍ରକ ବାସୁଦେବପୁର ଉପନିର୍ବାଚନର ତାତିକୁ ପଛରେ ପକାଇ ଏହି ଘଟଣା ଏବେ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ଏଭଳି ଘଟଣା କିଛି ନୂଆ ନୁହେଁ । ପୂର୍ବରୁ ମଧ୍ୟ ଖଣ୍ଡଗିରି ଯାତ୍ରା ପଡ଼ିଆରେ ଏଭଳି ଅଶ୍ଳୀଳ ନୃତ୍ୟ ପରିବେଷଣ କରି ଚର୍ଚ୍ଚାକୁ ଆସିଥିଲେ ଡ୍ୟାନ୍ସର ରାଣୀ ପଣ୍ଡା । ନୃତ୍ୟର ତାଳେ ତାଳେ ଶରୀରରୁ ଗୋଟିଏ ପରେ ଗୋଟିଏ ଡ୍ରେସ୍ ଖୋଲିବା ସହ ପେଣ୍ଡାଲ ତଳେ ବସିଥିବା ଜଣେ ଦର୍ଶକଙ୍କ କାନକୁ କାମୁଡ଼ି ଦେଇଥିଲେ । ଯାହାକୁ ନେଇ ସେତେବେଳେ ମଧ୍ୟ ଖୁବ୍ ତର୍କ ବିତର୍କ ହୋଇଥିଲା । ଏପରିକି ଆଇଟମ୍ ଗର୍ଲ ରାଣୀ ପଣ୍ଡାଙ୍କୁ ଖଣ୍ଡଗିରି ବ୍ୟାନ୍ କରାଯାଇଥିଲା ।

ସମୟ ବଦଳିଛି, ତା ସହ ଲୋକଙ୍କ ରୁଚି ବି ବଦଳିଛି । ଏହାକୁ ତାଳ ଦେଇ ଯାତ୍ରାପାର୍ଟିମାନେ ସେ ଅନୁସାରେ ଲୋକଙ୍କୁ ମନୋରଞ୍ଜନର ଖୋରାକ ଦେଉଛନ୍ତି । ବିଗତ ଦିନରେ ଯାତ୍ରା ପାର୍ଟିରେ ଯାତ୍ରା ନାଟକରେ ବିଷୟବସ୍ତୁ ଆରମ୍ଭ ହେବା ଆଗରୁ କରାଯାଉଥିବା ରେକର୍ଡ ଡ୍ୟାନ୍ସ କିଛି ଦର୍ଶକମାନଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିଥିଲା । କିନ୍ତୁ ଏହି ରେକର୍ଡ ଡ୍ୟାନ୍ସର ଶୈଳୀ ଏବେ ବଦଳିଛ । ରେକର୍ଡ ଡ୍ୟାନ୍ସରେ ନଗ୍ନତା ଭରି ରହିଛି । କେତେକ ଦର୍ଶକ ଏହାକୁ ପ୍ରସନ୍ଦ କରୁଥିବା ବେଳେ ପରିବାର ଧରି ଯାତ୍ରା ଦେଖିବାକୁ ଆସୁଥିବା ଆଉ କେତେକ ଦର୍ଶକ ଏହାକୁ ଜୋରଦାର୍ ବିରୋଧ କରୁଛନ୍ତି । ଏମିତି ଅନେକ ସମୟରେ ଅନେକ ଘଟଣା ଘଟୁଥିବା ବେଳେ ଭଦ୍ରକର ଏହି ଘଟଣା ଏବେ ଚର୍ଚ୍ଚାର ➔ପୃଷ୍ଠା–୭



# ଇଏ ଅତିଥି, ସିଏ ବି ଅତିଥି

ଇଂଲିଶ୍‌ରେ କୁହାଯାଏ 'ଫିଟ୍ ଅଫ୍ କ୍ଲେ'। ଆକ୍ଷରିକ ଅର୍ଥ ହେଲା କାଦୁଅ ପଚପଚ ଗୋଡ଼। ଏହି ରୁଢିର ମର୍ମ ହେଲା ବାହାରକୁ ଅତି ସମ୍ମାନନୀୟ ଜଣାପଡୁଥିବା ବା ଦେଖାଇ ହେଉଥିବା ବା ଦାବି କରୁଥିବା ବ୍ୟକ୍ତିଙ୍କ ଅତି କଦର୍ଯ୍ୟ କାର୍ଯ୍ୟ ବା ଚରିତ୍ର। ଦେଶରେ ନ୍ୟାୟପାଳିକାର ଅନେକ ଅଙ୍ଗ ବିଗତ କିଛି ଦିନମାନଙ୍କରେ ଫିଟ୍ ଅଫ୍ କ୍ଲେ ସିଣ୍ଡ୍ରୋମ ଦ୍ୱାରା ଆକ୍ରାନ୍ତ ହୋଇ ପଡିଥିବା ଧୀରେ ଧୀରେ ପଦାକୁ ଆସୁଛି।

ଏହି କଥା ଗତ କିଛି ବର୍ଷ ମଧ୍ୟରେ ଚର୍ଚ୍ଚିତ ପ୍ରସଙ୍ଗ ହୋଇଛି। ତାହା ସତ୍ତ୍ୱେ ପୁନର୍ବାର ଏଠାରେ ଆଉ ଥରେ ଚର୍ଚ୍ଚାକୁ ଘଷାପିଟା କୁହାଯାଇପାରିବ ନାହିଁ, ଯେହେତୁ ଓଡ଼ିଶା ହାଇକୋର୍ଟ ଓକିଲମାନଙ୍କ ଏକାଧିକ ହ୍ୱାଟ୍ସଆପ୍ ଗ୍ରୁପରେ ନ୍ୟାୟପାଳିକା ଏବଂ ବିଶେଷ ଭାବେ ମୁଖ୍ୟ ନ୍ୟାୟାଧୀଶଙ୍କ କାର୍ଯ୍ୟ ଉପରେ ପ୍ରଶ୍ନଚିହ୍ନ ଲଗାଉଥିବା ଭଳି ଏକ ଫଟୋ ଓ ତତ୍ ସମ୍ବନ୍ଧିତ ମନ୍ତବ୍ୟ ସାନି ଭାଇରାଲ ହୋଇଥିଲା ଯାହାକି ଅନେକ ଭ୍ରୁକୁଞ୍ଚନ ସୃଷ୍ଟି କରିଥିଲା। ଫଟୋରେ ମାନ୍ୟବର ମୁଖ୍ୟ ବିଚାରପତି ଏସ୍. ମୁରଲିଧର କିଛି ବଡ ବଡିଆଙ୍କ ସହ ଏକ ସ୍ଥାନରେ ମିଶି ଭାବ ବିନିମୟ କରୁଥିବା ରକମ ଜଣାପଡୁଥିଲା। ଏହାକୁ ନେଇ ବୁଦ୍ଧିଜୀବୀ ବୋଲାଉଥିବା କିଛି ଲୋକ କହିଲେ ଯେ, ଫଟୋରେ ଜଣେ ଦୁଇ ଜଣଙ୍କ ମୁହଁ ଓଡ଼ିଶା ସରକାରଙ୍କ ଅଧୀନରେ ବଡ ପଦବୀରେ ନଉକରୀ କରୁଥିବା କିଛି ଲୋକଙ୍କ ସହ ମେଳ ଖାଉଛି। ପ୍ରୋଟୋକଲ ମୁତାବକ ହାଇକୋର୍ଟର ମୁଖ୍ୟ ବିଚାରପତି ଯଦି କାହା ସହ ସମାନସ୍କନ୍ଧ, ସେ ହେଲେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ। ଏପରି କି ମୁଖ୍ୟ ଶାସନ ସଚିବ ବି ହାଇକୋର୍ଟ ମୁଖ୍ୟବିଚାରପତିଙ୍କଠାରୁ ପ୍ରୋଟୋକଲରେ କାହିଁ କେଉଁ ତଳେ। ସରକାର କିମ୍ବା ପ୍ରଶାସନ ଦ୍ୱାରା ପୀଡିତ ହେଉଛନ୍ତି ବୋଲି ଚିନ୍ତା କରୁଥିବା ସାଧାରଣ ନାଗରିକ ନ୍ୟାୟ ପାଇବା ଲାଗି ଅଦାଲତର ଆଶ୍ରୟ ନିଅନ୍ତି। ଯଦି ବିଚାରପତିମାନେ ପ୍ରଶାସନିକ କଳ ସହ ବନ୍ଧୁ ବାନ୍ଧିବେ, ତାହା ହେଲେ ବିଚରା ସାଧାରଣ ନାଗରିକ ଯିବେ କୁଆଡେ ? ଦେଶରେ ଜନତନ୍ତ୍ର ଓ ସାମ୍ବିଧାନିକ ସମୀକରଣର ପେଞ୍ଚ ବୁଝୁ ନ ଥିବା ନିରୀହ ଜନତାଙ୍କ ହିତ ଦୃଷ୍ଟିରୁ ନ୍ୟାୟାଧୀଶ ଓ ସରକାରୀ ଅଫିସରଙ୍କ ମିଳାମିଶା ନିଶ୍ଚିତ ଭାବେ ଏକ ସାଙ୍ଘାତିକ ବ୍ୟାପାର।

ତେବେ ସେହି ଅକଲବାନ ବ୍ୟକ୍ତିମାନଙ୍କୁ କହିବା କଥା ଯେ, ଆଜିର ମୋବାଇଲ ମର୍ଫିଂ ଯୁଗରେ କୌଣସି ଫଟୋକୁ ସତସତିକା ଛବି ବୋଲି ବିଶ୍ୱାସ କରିନେବା କିମ୍ବା ପୃଷ୍ଠଭୂମି ଯାଞ୍ଚ ନ କରି ମନ୍ତବ୍ୟ ରଖିବା ପୂର୍ବରୁ ଅନେକ ଥର ଚିନ୍ତା କରିବାର ପ୍ରୟୋଜନ ରହୁଛି। ଦ୍ୱିତୀୟତଃ, ମାନ୍ୟବର ବିଚାରପତି ଏସ୍. ମୁରଲିଧର ପ୍ରଶାସନିକ ଅଧିକାରୀଙ୍କ ସହ ଭାଇ ଭାଇ ହେବାରେ ତୁମ୍ଭିତୋଫାନ ଠିଆ କରିବାର କୌଣସି କାରଣ ନାହିଁ ଯେହେତୁ ଏଥିରେ ନୂତନତା ନାହିଁ। ଭାରତ ବର୍ଷରେ ନ୍ୟାୟପାଳିକା ଯେ ଶାସନ କଳଠାରୁ ଅଛୁଆଁ ରହିଛି, ଏ କଥା କେବଳ ମୁଣ୍ଡରେ ଦହି ନ ଥିବା ଓ ଅନେକ ନାଁ କରା ବିଚାରପତି ବିଭିନ୍ନ ସମୟରେ ରଖିଥିବା ବୟାନକୁ ଶୁଣି ନ ଥିବା ବ୍ୟକ୍ତି ହିଁ ବିଶ୍ୱାସ କରି ପାରନ୍ତି। ସେହି ବ୍ୟକ୍ତିମାନଙ୍କୁ ସଠିକ୍ ସୂଚୀତ କରିବା ହିଁ ଏହି ଆଲେଖ୍ୟର ଉଦ୍ଦେଶ୍ୟ।

ଏଠାରେ ଭାରତୀୟ ନ୍ୟାୟ ପାଳିକାର ମତିଗତି ସମ୍ପର୍କରେ ଭାରତର ୧୯ତମ ପ୍ରଧାନ ବିଚାରପତି ଭେଙ୍କଟରାମେୟା ପ୍ରାୟ ୩ ଦଶନ୍ଧି ତଳେ ଶାଣିତ ସମାଲୋଚନା କରିଥିଲେ ତାହା ଉଲ୍ଲେଖଯୋଗ୍ୟ। ବିଚାରପତିମାନେ କିଭଳି ନିଜ ପଦବୀ ସହ ସାଲିସ କରି ସରକାରୀ ବଙ୍ଗଳା ଓ ଅନ୍ୟାନ୍ୟ ସ୍ଥାନକୁ ଘୁରି ବୁଲୁଛନ୍ତି ତାହା ଆଇନ ଆୟୁକ୍ତ ରିପୋର୍ଟରେ ଦର୍ଶାଯାଇଥିବା କଥା ଜଷ୍ଟିସ୍ ଭେଙ୍କଟରାମେୟା କହିଥିଲେ। ସେ ଏହା ମଧ୍ୟ ଅଭିଯୋଗ କରିଥିଲେ ଯେ ଏଭଳି ବିଚାରପତିମାନଙ୍କୁ ନିଯୁକ୍ତ କରାଯାଉଛି ଯେଉଁମାନେ ବିଳାସପୂର୍ଣ୍ଣ ପାର୍ଟି ଓ ହ୍ୱିସ୍କି ବୋତଲ ଦ୍ୱାରା ପ୍ରଭାବିତ ହେବାକୁ ଉଚ୍ଛନ୍ନ। ପ୍ରତି ହାଇକୋର୍ଟରେ ଅନ୍ତତଃ ଚାରିରୁ ପାଞ୍ଚ ଜଣ ବିଚାରପତି ଏଭଳି ଥାଆନ୍ତି ଯେଉଁମାନେ ଖାଇ ପିଇ ମଉଜ ମସ୍ତି କରିବାକୁ ଓକିଲଙ୍କ ବସାକୁ ମଧ୍ୟ ଯାଆନ୍ତି। ଭାରତୀୟ ନ୍ୟାୟପାଳିକାର ଅନ୍ୟତମ ପ୍ରବାଦ ପୁରୁଷ ଜଷ୍ଟିସ୍ ଭିଆର କ୍ରିଷ୍ଣା ଆୟାର କିଛି ବର୍ଷ ତଳେ ଏକ ଖୋଲା ଚିଠିରେ ଲେଖିଥିଲେ ଯେ ଦୁର୍ନୀତିଗ୍ରସ୍ତଙ୍କୁ ଦଣ୍ଡିତ କରିବା ସକାଶେ ଯେଉଁ ନ୍ୟାୟବ୍ୟବସ୍ଥାକୁ ଅତି କ୍ଷମତାଶାଳୀ ପବିତ୍ର ମାଧ୍ୟମ ବୋଲି ଚିନ୍ତା କରାଯାଉଛି, ତାହା ନିଜେ ହିଁ ଅନୀତିରେ ଉବୁଟୁବୁ। ସେହିପରି ଆଉ ଜଣେ ଧୋବ ଫରଫର ବିଚାରପତି ଏମଏନ ଭେଙ୍କଟଚଲାୟା କହିଥିଲେ ଯେ ଶହେ କୋଟିରୁ ଊର୍ଦ୍ଧ୍ୱ ଭାରତବାସୀଙ୍କ ଲାଗି ସୁପ୍ରିମକୋର୍ଟରେ ମାତ୍ର ୨୫ ଜଣ ବିଚାରପତି ଅଛନ୍ତି ଏବଂ ସେମାନଙ୍କ ମଧ୍ୟରେ ବି କାଦୁଅ ପଚପଚ ଗୋଡ ବିଶିଷ୍ଟ ବ୍ୟକ୍ତ ରହିବା ଚିନ୍ତାଜନକ। ଜଣେ ପ୍ରଧାନ ବିଚାରପତିଙ୍କ ହାତ ଗନ୍ଧିଆ ଓ କଳଙ୍କିତ ବୋଲି ସନ୍ଦେହ ସୃଷ୍ଟି ହେବାକୁ ଦେବା ବି ଏକ ଜଘନ୍ୟ ଅପରାଧ। ସମାନ ନିଃଶ୍ୱାସରେ ଅନ୍ୟ ଜଣେ ପ୍ରଧାନ ବିଚାରପତି ଏସପି ଭାରୁଚା ଦେଶର ଅତି କମ୍‌ରେ ୨୦ ପ୍ରତିଶତ ନ୍ୟାୟାଧୀଶ ଅନୀତିରେ ଜର୍ଜରିତ ବୋଲି ସର୍ବ ସାଧାରଣରେ ଘୋଷଣା କରିଥିଲେ।

ପୂର୍ବୋକ୍ତ ନ୍ୟାୟାଧୀଶମାନେ ଯାହା ତ କହିବା କଥା କହିଛନ୍ତି, ସେମାନଙ୍କଠାରୁ ଅଧିକ ମରମଭେଦୀ ଓ ନ୍ୟାୟପାଳିକାର ଇଜ୍ଜତକୁ ତଳିତଳାନ୍ତ କରିଦେବା ଭଳି ମନ୍ତବ୍ୟ ରଖିଥିଲେ ଜଣେ ପୂର୍ବତନ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ ପି.ଶିବଶଙ୍କର। ଫେରା (ବୈଦେଶିକ ମୁଦ୍ରା ନିୟନ୍ତ୍ରଣ ଆଇନ) ଉଲ୍ଲଂଘନକାରୀ, ବଧୂ ନିର୍ଯାତନାକାରୀ ଏବଂ ପଞ୍ଝେ ପ୍ରତିକ୍ରିୟାବାଦୀଙ୍କ ଲାଗି ସୁପ୍ରିମକୋର୍ଟ ଏକ ସୁରକ୍ଷିତ ଗୁମ୍ଫା ପାଲଟି ଯାଇଛି ବୋଲି ସେ ଅଭିଯୋଗ କରିଥିଲେ। ନ୍ୟାୟପାଳିକାକୁ ଭିତରୁ ବାହାରୁ ଦେଖିଥିବା ଅନେକ ମାନ୍ୟବର ବିଚାରପତି ଓ କେନ୍ଦ୍ର ଆଇନ ମନ୍ତ୍ରୀଙ୍କ ଉପରୋକ୍ତ ବୟାନଗୁଡିକୁ ଯେଉଁମାନେ ଶୁଣିଛନ୍ତି ବା ଜାଣିଛନ୍ତି ସେମାନେ ମାନ୍ୟବର ଜଷ୍ଟିସ୍ ଭି. ମୁରଲିଧରଙ୍କ ପ୍ରଶାସନିକ ଅଧିକାରୀଙ୍କ ସହ ଫଟୋକୁ ଦେଖି ବ୍ୟସ୍ତତା ପ୍ରକଟ କଲେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। କଥାରେ ଅଛି ଯା ପୁଅକୁ ସାପ କାମୁଡେ, ତା' ମାଆ ପାଳ ଦଉଡି ଦେଖିଲେ ଡରେ। ଯାହା ହେଉ, ସମସ୍ତଙ୍କୁ ଆଶ୍ୱସ୍ତ କରିଛି ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରା ଜାରି ସ୍ପଷ୍ଟୀକରଣ। ଏଥିରେ କୁହାଯାଇଛି ଯେ, ଜଷ୍ଟିସ୍ ମୁରଲିଧର ସତ୍ୟସାୟୀ ସେବା ସଙ୍ଘ ଦ୍ୱାରା ଆୟୋଜିତ ଏକ ଉତ୍ସବରେ ଯୋଗ ଦେବାକୁ ଯାଇଥିଲେ। ସେଠାକୁ ସରକାରୀ ଅଫିସର ବି ଅତିଥି ହୋଇ ଆସିଥିଲେ। ସତ କଥା- ଇଏ ଅତିଥିକୁ ସିଏ ଅତିଥି। ଗୋଟିଏ ଯାଗାରେ ବସିଯିବା ସ୍ୱାଭାବିକ ଥିଲା।

**ସମ୍ପାଦକଙ୍କୁ ପତ୍ର ଓ ସମ୍ପାଦକୀୟ ପୃଷ୍ଠା**
**ଲାଗି ଲେଖା ପଠାଇବା ଠିକଣା**
ଇମେଲ୍- aadharodisha8@gmail.com
**ଯୋଗାଯୋଗ**-ପ୍ଲଟ୍ ନମ୍ବର-ପି-୪୨, ଲେନ୍-୧, ଫେଜ୍-୧,
ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

# ମହାବାତ୍ୟା'କୁ ୨୩ ବର୍ଷ



ଓଡ଼ିଶା ଇତିହାସରେ ସବୁଠାରୁ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଥିଲା ୧୯୯୯ ମସିହା ଅକ୍ଟୋବର ୨୯ରେ 'ମହାବାତ୍ୟା' । ଇତିମଧ୍ୟରେ ମହାବାତ୍ୟାକୁ ପୂରିଛି ୨୩ ବର୍ଷ । ମହାବାତ୍ୟାର ମହାତାଣ୍ଡବକୁ ପାଖରୁ ଦେଖିଥିବା ଲୋକେ ଅକ୍ଟୋବର ମାସ ଆସିଲେ ଏକ ଅଜଣା ଭୟରେ ଆତଙ୍କିତ ଥାଆନ୍ତି । ନିକଟରେ ସିତରାଙ୍ଗ ମହାବାତ୍ୟାକୁ ନେଇ ଓଡ଼ିଶାବାସୀ ୧୯୯୯ର ପ୍ରକୃତିର ତାଣ୍ଡବକୁ ମନେ ପକାଇ ଭୟଭୀତ ଥିଲେ । ଅବଶ୍ୟ ସିତରାଙ୍ଗ ବାଂଲାଦେଶରେ ପ୍ରଳୟ ରଚିଛି । ଅନ୍ୟପଟେ ୧୯୯୯ ମହାବାତ୍ୟାର ସେହି କାଳରାତ୍ରିର କରାଳ ଦୃଶ୍ୟକୁ ଦେଖିଥିବା ଲୋକଙ୍କ ଦେହ ଆଜି ବି ଶିହରି ଉଠେ ।

ସେଦିନର କେଇ ଘଣ୍ଟାର ତାଣ୍ଡବ ଓଡ଼ିଶାର ଦୃଶ୍ୟପଟକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଥିଲା । ଅକ୍ଟୋବର ୨୫ରେ ଆଣ୍ଡାମାନ ଦ୍ୱୀପରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିଲା ଓ ପରବର୍ତ୍ତୀ ସମୟରେ ତାହା ମହାବାତ୍ୟାର ରୂପ ନେଇ ମହାତାଣ୍ଡବ ରଚିଥିଲା । ଅକ୍ଟୋବର ୨୯ ସକାଳ ପ୍ରାୟ ୧୦ଟା ୩୦ରେ ଜଗତସିଂହପୁରର ଏରସମା ଓ ବାଲିକୁଦା ମଧ୍ୟରେ ମହାବାତ୍ୟା ମାଡ଼ ହୋଇଥିଲା । ଘଣ୍ଟା ପ୍ରତି ୩୦୦ କିଲୋମିଟରରୁ ଅଧିକ ବେଗରେ ପବନ ବହିଥିଲା ଓ ଅବିଶ୍ରାନ୍ତ ବର୍ଷା ଲାଗି ରହିଥିଲା । ପ୍ରକୃତିର ଏହି ସଂହାର ଲୀଳାରେ ପ୍ରଭାବିତ ହୋଇଥିଲା ଅର୍ଦ୍ଧାଧିକ ଓଡ଼ିଶାଛ ମୋଟାମୋଟି କହିବାକୁ ଗଲେ, ଓଡ଼ିଶାର ମେରୁଦଣ୍ଡ ଦୋହଲି ଯାଇଥିଲା ।

ଉପକୂଳ ଓଡ଼ିଶାର ୧୪ଟି ଜିଲ୍ଲା ପ୍ରଭାବିତ ହୋଇଥିଲା। ବିଶେଷକରି ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ବାଲେଶ୍ୱରରେ ଏହାର ପ୍ରଭାବ ଅଧିକ ଦେଖିବାକୁ ମିଳିଥିଲା । ମୁଖ୍ୟତଃ ଜଗତ୍‌ସିଂହପୁର ଜିଲ୍ଲାର ଏରସମା ଓ ପୁରୀର ଅସ୍ତରଙ୍ଗକୁ ଅଧିକ କ୍ଷତି ସହିବାକୁ ପଡ଼ିଥିଲାଛ ହଜାର ହଜାର ଲୋକଙ୍କ ପ୍ରାଣହାନି ଘଟିଥିଲା । ବହୁସଂଖ୍ୟାରେ ଗୃହପାଳିତ ପଶୁଙ୍କ ଜୀବନ ଯାଇଥିଲା । କିଛି ଭାବିବା ପୁର୍ବରୁ ସମୁଦ୍ର ପାଣିରେ ଭାସି ଯାଇଥିଲେ ଲୋକେ । ମଣିଷ, ପଶୁପକ୍ଷୀ, ଆସବାବପତ୍ର ସବୁ ଏକାକାର ହୋଇ ଯାଇଥିଲା ସମୁଦ୍ର ଗର୍ଭରେ ।

ପାଣି ଛାଡ଼ି ଯିବା ପରେ କୁକୁ ଶବ ପଡ଼ି ରହିଥିଲା । ଯେଉଁମାନେ ବଞ୍ଚି ଯାଇଥିଲେ ସେମାନେ ନିଜର ଲୋକଙ୍କୁ ଖୋଜି ଆର୍ତ୍ତଚିତ୍କାର କରୁଥିଲେ । ସେତେବେଳେ ସରକାରୀ ହିସାବରେ ମୃତ୍ୟୁ ସଂଖ୍ୟା ୧୦ ହଜାର ଥିଲା, ଯାହା ବେସରକାରୀ ହିସାବରେ ଢେର ଅଧିକ କୁହାଯାଇଥିଲା । ଅନ୍ୟପଟେ ବାତ୍ୟା ପରବର୍ତ୍ତୀ ପର୍ଯ୍ୟାୟର ଦୃଶ୍ୟ ହାହାକାରମୟ ଥିଲା । ଅବଶ୍ୟ ୧୯୯୯ ମହାବାତ୍ୟା ପରେ ଓଡ଼ିଶା ଏଯାବତ୍ ଅନେକ ବାତ୍ୟାକୁ ସାମ୍ନା କରିଛି । ୨୦୨୦ରେ 'ଅମ୍ଫାନ୍', ୨୦୧୯ରେ 'ଫନି', ୨୦୧୮ରେ 'ତିତିଲି', ୨୦୧୪ରେ 'ହୁଡ୍‌ହୁଡ୍', ୨୦୧୩ରେ 'ଫାଇଲିନ୍' ଭଳି ବାତ୍ୟା ଦେଖିଛି ଓଡ଼ିଶା । ତେବେ ମହାବାତ୍ୟା ଲୋକଙ୍କୁ ଏକ ପ୍ରକାର ସତର୍କ ତଥା ମୁକାବିଲା ପାଇଁ ଶିକ୍ଷା ପ୍ରଦାନ କରିଛି । ବିଶେଷକରି ରାଜ୍ୟ ସରକାରଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ଦିଗରେ ଆଗୁଆ ପଦକ୍ଷେପ ନେବା ଶିଖାଇଛି । 'ମହାବାତ୍ୟା'ର ଶିକ୍ଷାକୁ ଗ୍ରହଣ କରି ରାଜ୍ୟ ସରକାର ଶୂନ୍ୟ ମୃତାହତ ମିଶନ୍ ହାତକୁ ନେଇ ସଫଳ ହୋଇଛନ୍ତି । ଯେଉଁଥିପାଇଁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଦିଗରେ ଓଡ଼ିଶା ଏବେ ଅନ୍ୟ ରାଜ୍ୟମାନଙ୍କ ପାଇଁ ଆଦର୍ଶ ମଡେଲ ସାଜିଛି । ୨୩ ବର୍ଷ ପରେ ବି ମହାବାତ୍ୟା ଛାଡ଼ିଯାଇଥିବା ପଦଚିହ୍ନକୁ ଲୋକେ ଭୁଲି ପାରୁନାହାନ୍ତି ।

# ଉତ୍କଳ ଭାସ୍କର ଚନ୍ଦ୍ରଶେଖର

ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର (ପଠାଣି ସାମନ୍ତ) ଜଣେ ଅସାଧାରଣ ଜ୍ୟୋର୍ତିବିଜ୍ଞାନୀ ଏବଂ ପଣ୍ଡିତ । ଆଧୁନିକ ବିଜ୍ଞାନ ଜଗତରେ ସେ ଥିଲେ ଅନ୍ୟତମ ବିସ୍ମୟ । ସାଧାରଣ ଉପକରଣଗୁଡ଼ିକ ବ୍ୟବହାର କରି ସୂର୍ଯ୍ୟ, ଚନ୍ଦ୍ର ଓ ଗ୍ରହମାନଙ୍କର ଦୈନିକ ଓ ବାର୍ଷିକ ଆବର୍ତ୍ତନର ନିର୍ଭୁଲ୍ ଗଣନା କରିବା ସହ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣର ସଠିକ୍ ସମୟ ନିର୍ଦ୍ଧାରଣରେ ସିଦ୍ଧହସ୍ତ ଥିଲେ । ସେ ଯେପରି ବିଦ୍ୱାନ, ସେହିପରି ନିଷ୍ଠାବାନ ଓ ଧାର୍ମିକ ବ୍ୟକ୍ତି ଥିଲେ । ୧୮୩୫ ମସିହା ଡିସେମ୍ବର ୧୩ ତାରିଖ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ପଠାଣି ସାମନ୍ତ ଖଣ୍ଡପଡ଼ା ରାଜବଂଶରେ ଜନ୍ମଗ୍ରହଣ କରିଥିଲେ ।

ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ତାଙ୍କ ଆଗରୁ ଦୁଇଟି ଝିଅ ଓ ଗୋଟିଏ ପୁଅ ମରିଯାଇଥିବାରୁ, ତାଙ୍କ ଅପର୍ତ୍ତ୍ୟାଣି ନାମ ପଠାଣି ରଖାଯାଇଥିଲା । ପିଲାଦିନୁ ସେ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ପଠାଣି ସାମନ୍ତଙ୍କ ବାପା ସେହି ସମୟରେ ଜଣେ ପ୍ରଧାନ ଗାଣିତିକ ଥିଲେ । ଗଣିତ ଜ୍ୟୋତିଷରେ ତାଙ୍କର ଗଭୀର ପାଣ୍ଡିତ୍ୟ ଥିଲା । ପଠାଣି ସାମନ୍ତ ତାଙ୍କ ବାପାଙ୍କ ଠାରୁ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଗୋଟି ବାଉଁଶନଳୀ ସାହାଯ୍ୟରେ ଦୂରଦୂରାନ୍ତର ଗ୍ରହ ମଣ୍ଡଳର ନକ୍ଷତ୍ରମାନଙ୍କର ଗତି ଅବଲୋକନ କରି ସେ ଯେଉଁ ସିଦ୍ଧାନ୍ତରେ ଉପନୀତ ହେଲେ, ତାହା ପୁରାତନ ସଂସ୍କୃତ ଜ୍ୟୋତିଷ ଶାସ୍ତ୍ରର ସିଦ୍ଧାନ୍ତ ମଧ୍ୟରେ ଅନେକ ଅସମାନତା ଥିଲା ।

ତାଙ୍କର ନିଜ ସିଦ୍ଧାନ୍ତରୁ ପ୍ରମାଣିତ ହେଲା ଯେ, ପୁରାତନ ଭାରତୀୟ ଜ୍ୟୋର୍ତିବିଦମାନଙ୍କ ଗଣନା ଦିବସରୁ ନକ୍ଷତ୍ର ଜଗତର ସ୍ଥିତି ଗତି ବଦଳିଯାଇଛି । ତାଙ୍କର ନୂତନ ମୌଳିକ ଗଣନା ଅନୁଯାୟୀ, ସେ 'ସିଦ୍ଧାନ୍ତ ଦର୍ପଣ' ପୋଥି ରଚନା କଲେ । ମାତ୍ର ୭ ବର୍ଷ ବୟସରେ ପଠାଣି ସାମନ୍ତଙ୍କ ପାଣ୍ଡିତ୍ୟର ପରିଚୟ ମିଳିଥିଲା । ତାଙ୍କୁ ଯେତେବେଳେ ୧୨ ବର୍ଷ ବୟସ ହୋଇଥିଲା ସେତେବେଳେ ସେ ଜ୍ୟୋତିଷ ଗ୍ରନ୍ଥର ବିଭିନ୍ନ ବିଷୟମାନ ପାଠ କରି ଏହାକୁ ମୁଖସ୍ଥ କରିଦେଇଥିଲେ । ଏହି ସମୟରେ ସେ ସଂସ୍କୃତ ଶ୍ଳୋକ ମାନ ରଚନା କରି ପାରୁଥିଲେ । ଏତେ କମ୍ ବୟସରୁ ସେ ସାହିତ୍ୟ, ସଂସ୍କୃତ ବ୍ୟାକରଣ, ସ୍ମୃତି, ବେଦ, ବେଦାଙ୍ଗ ଓ କର୍ମକାଣ୍ଡ ଇତ୍ୟାଦି ଗ୍ରନ୍ଥମାନ ଆୟତ୍ତ କରିନେଇଥିଲେ । ୧୫ବର୍ଷ ମଧ୍ୟରେ ସେ ଫଳିତ ଜ୍ୟୋତିଷରେ ପୋଖତ ହୋଇ ଗଣିତ ଜ୍ୟୋତିଷ ସାଧନାରେ ଅଗ୍ରଗତି କଲେ । ଶୈଶବରେ କି ଦିନ, କି ରାତି ଉଜାଗର ରହି ଆକାଶର ନକ୍ଷତ୍ର ଓ ଗ୍ରହମାନଙ୍କର ଗତିବିଧିକୁ ସୂକ୍ଷ୍ମ ଅଧ୍ୟୟନ କରୁଥିଲେ ।

ସେ ଆକାଶକୁ ଅନୁଧ୍ୟାନ କରି ଗ୍ରହ ଓ ନକ୍ଷତ୍ରର ଗତିବିଧି ନିରୂପଣ କରିପାରୁଥିଲେ । ଦୀର୍ଘ ଦିନର ଅନୁଶୀଳନ ପରେ ସେ ରଚନା କରିଥିଲେ ସିଦ୍ଧାନ୍ତ ଦର୍ପଣ । ଏହି ରଚନା ପାଇଁ ସେ ଆନ୍ତର୍ଜାତିକ ସ୍ତରରେ ସଫଳତା ସାଉଣ୍ଟିଥିଲେ । ସିଦ୍ଧାନ୍ତ ଦର୍ପଣ ପ୍ରକାଶ ପାଇଲା ୧୮୯୯ ମସିହାରେ । ତା' ପୂର୍ବରୁ ଇଂରେଜ ସରକାରଙ୍କ ଦ୍ୱାରା ତାଙ୍କ କୃତିତ୍ୱ ପାଇଁ ପ୍ରଶଂସିତ ହୋଇ ୧୮୯୪ ମସିହା ସେପ୍ଟେମ୍ବର ୩ ତାରିଖରେ ସେ 'ମହାମହୋପାଧ୍ୟାୟ' ଉପାଧିରେ ଭୂଷିତ ହୋଇଥିଲେ । ଏ ଉପାଧି ପାଇବାରେ ସେ ଥିଲେ ପ୍ରଥମ ଓଡ଼ିଆ । ପଠାଣି ସାମନ୍ତ ଥିଲେ ଚିରରୁଗ୍ଣ ଓ ଅଭାବୀ । ତଥାପି ସାଧନା ପଥରେ ହଟି ଯାଇନଥିଲେ । ଏହି ଯୋଗଜନ୍ମା ମହାପୁରୁଷଙ୍କର ୧୯୦୪ ମସିହା ଆଜିର ଦିନରେ ଦେହାନ୍ତ ହୋଇଥିଲା । କୁହାଯାଏ ଯେ, ସେ ନିଜ ମୃତ୍ୟୁ ଦିବସର ତିଥିକୁ ଆଗୁଆ ଜଣାଇ ଦେଇଥିଲେ ।

# ବିପଦପୂର୍ଣ୍ଣ ଅବସ୍ଥାରେ ରାୟଗଡ଼ା ଝୁଲାପୋଲ



ରାୟଗଡ଼: କଟକର ଧବଳେଶ୍ୱର ପରେ ରାୟଗଡା ଅନ୍ତର୍ଗତ ଚେକାଗୁଡାରେ ରହିଥିବା ଝୁଲାପୋଲ ରାଜ୍ୟରେ ଦ୍ୱିତୀୟ ବୃହତ୍ତମ । ୨୦୧୧ରେ ୧ କୋଟି ୨୦ ଲକ୍ଷ ଟଙ୍କାରେ ବ୍ୟୟରେ ନାଗାବଳୀ ନଦୀ ଉପରେ ଏହି ପୋଲ ନିର୍ମାଣ କରାଯାଇଥିଲା । ପ୍ରତି ସପ୍ତାହରେ ବିଭିନ୍ନ ରାଜ୍ୟର ହଜାର ହଜାର ଶ୍ରଦ୍ଧାଳୁ ମା' ମଝିଘରିଆଣୀଙ୍କ ଦର୍ଶନ ପାଇଁ ଆସି ଝୁଲାପୋଲ ବୁଲିବାକୁ ଯାଇଥାନ୍ତି । ହେଲେ ବଡକଥା ହେଉଛି, ୧୧ ବର୍ଷ ତଳେ ନିର୍ମିତ ଏହି ପୋଲର ମରାମତି କିମ୍ବା ପର୍ଯ୍ୟଟକଙ୍କ ସୁରକ୍ଷା ନେଇ ଅଦ୍ୟାବଧି ଥରୁଟିଏ ମଧ୍ୟ ଏହାର କୌଣସି ପ୍ରକାର ଯାଞ୍ଚ ହୋଇନାହିଁ ।

୨୦୧୧ ମସିହାରେ ୧ କୋଟିରୁ ଊର୍ଦ୍ଧ୍ୱ ବ୍ୟୟରେ ଆଇଏପି ଯୋଜନାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ରାୟଗଡା ଜିଲ୍ଲା ଚେକାଗୁଡା ଠାରେ ଝୁଲାପୋଲ ନିର୍ମାଣ କରିଥିଲା । ଏହି ପୋଲ ୧୦୦ ଫୁଟ୍ ଉପରେ ନିର୍ମିତ ଏବଂ ଏହାର ଲମ୍ବ ୧୫୧ ମିଟର ରହିଛି । ଗମନାଗମନ ପାଇଁ ନିର୍ମାଣ ହୋଇଥିବାର ଏହି ପୋଲ ପରବର୍ତ୍ତୀ ସମୟରେ ରାୟଗଡାର ପର୍ଯ୍ୟଟନ ସ୍ଥଳୀ ପାଲଟିଥିଲା । କିନ୍ତୁ ଏହି ଝୁଲାପୋଲର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର ତାହା କେହି କହିପାରୁନାହାନ୍ତି । ରାୟଗଡା ଆଇଟିଡିଏ ଏବଂ ମ୍ୟୁନିସିପାଲିଟି ଉଭୟେ ଉଭୟଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି । ରାୟଗଡା ଆଇଟିଡିଏ ଏହାର ନିର୍ମାଣ କରିଛି ଏବେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ମ୍ୟୁନିସିପାଲିଟି କିମ୍ବା ରାୟଗଡା ବ୍ଲକ୍ କରିବା ନେଇ ଆଇଟିଡିଏ କର୍ତ୍ତୃପକ୍ଷ କହିଛନ୍ତି । ସେପଟେ ଆଇଟିଡିଏ ଝୁଲାପୋଲ ନିର୍ମାଣ କରିଥିବାରୁ ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ତାହାର ବୋଲି କହିଛନ୍ତି ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ । ଉଭୟେ ଉଭୟଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରି ନିଜ ମୁଣ୍ଡ ଉପରୁ ଦୋଷ ଛଡେଇ ହାତବାନ୍ଧି ବସିଛନ୍ତି ।

ନାଗାବଳୀ ନଦୀ ଉପରେ ନିର୍ମିତ ଏହି ଝୁଲାପୋଲ ନିକଟରେ ବିଭିନ୍ନ ସମୟରେ ଅନେକ ଦୁର୍ଘଟଣା ଘଟିଛି । ଗତ ୫ ବର୍ଷ ମଧ୍ୟରେ ନଦୀରେ ବୁଡି ୨୭ରୁ ଅଧିକ ଲୋକଙ୍କ ଜୀବନ ଯାଇଛି । ପର୍ଯ୍ୟଟକ ମାନେ ବୁଲିବାକୁ ଆସିବା ବେଳେ କୌଣସି ପ୍ରକାର ସୁରକ୍ଷା ବ୍ୟବସ୍ଥା ନଥିବା କାରଣରୁ ଏହିଭଳି ଅଘଟଣ ଘଟୁଛି । ଗତ ଅଗଷ୍ଟ ୨୫ ତାରିଖରେ ଆନ୍ଧ୍ରପ୍ରଦେଶରୁ ବୁଲିବାକୁ ଆସିଥିବା ଗୋଟିଏ ପରିବାର ଏଠାରେ ଦୁର୍ଘଟଣାର ଶିକାର ହୋଇଥିଲେ । ଗୋଟିଏ ୬ ବର୍ଷର ନାବାଳକ ନଦୀ ଭାସି ଯାଇ ପ୍ରାଣ ହରାଇଥିଲା । ଏହାପରେ ଗତ ସେପ୍ଟେମ୍ବର ୨୫ ତାରିଖରୁ ଏହି ପର୍ଯ୍ୟଟନ ସ୍ଥଳକୁ ସିଲ୍ କରିବା ସହ ଲୁହାବାଡ ଦେଇ ଝୁଲାପୋଲକୁ ସମ୍ପୂର୍ଣ୍ଣ ବନ୍ଦ କରିଥିଲା ଜିଲ୍ଲା ପ୍ରଶାସନ ।

ମାତ୍ର ଏବେ ପୋଲର ଉଭୟ ପାର୍ଶ୍ୱରେ ଚଳପ୍ରଚଳ ଚାଲୁଥିବା ଦେଖାଯାଉଛି । ଧର୍ମକୁ ଆଖି ଠାର ନ୍ୟାୟରେ ଲୁହାବାଡରେ ଫଳକ ଲାଗିଛି ସତ କିନ୍ତୁ ଗଳାବାଟ ଦେଇ ଝୁଲା ପୋଲାର ଯିବା ଆସିବା କରିବା ସହ ମଜା ନେଉଛନ୍ତି ପର୍ଯ୍ୟଟକ । ଏପରିକି ଯେଉଁ ତାରବାଡ ଘେରା ଯାଇଥିଲା ତାହା ମଧ୍ୟ ଉପାଡି ଫିଙ୍ଗି ଦିଆଯାଇଥିବା ନଜରକୁ ଆସିଛି । କହିବାକୁ ଗଲେ ପୂର୍ବ ଭଳି ଲୋକେ ଝୁଲାପୋଲ ଉପରେ ଯାତାୟାତ କରୁଛନ୍ତି । ଯାହାକି ଏକ ବଡ ଅଘଟଣ ପାଇଁ ନିମନ୍ତ୍ରଣ ଭଳି ହୋଇଛି । କାରଣ ରକ୍ଷଣାବେକ୍ଷଣ ଅଭାବରୁ ପୋଲର ଅବସ୍ଥା ଭଲ ନାହିଁ ।

ଗୁଜରାଟ ଟ୍ରାଜେଡି ପରେ ଯଦିଓ ଏହି ଝୁଲା ପୋଲରେ କଟକଣା କଡାକଡି କରାଯାଇଛି, ତଥାପି ଅତି ଶୀଘ୍ର ପୋଲଟିର ପରୀକ୍ଷା ନିରୀକ୍ଷା କରି ଆବଶ୍ୟକୀୟ ମରାମତି କରାଯିବା ନେଇ ସାଧାରଣରେ ଦାବି ହୋଇଛି । ସେହିପରି ପୋଲ ଉପରେ ଏକକାଳୀନ କେତଜଣ ପର୍ଯ୍ୟଟକ ଯାଇପାରିବେ ଏବଂ ସେମାନଙ୍କ କିଭଳି ସୁରକ୍ଷାର ବ୍ୟବସ୍ଥା କରାଯିବ ସେନେଇ ମଧ୍ୟ ଯତ୍ନବାନ ହେବା ଆବଶ୍ୟକ । ସେପଟେ ରାୟଗଡା ଜିଲ୍ଲାପାଳ ସ୍ୱଧା ଦେବ ସିଂ କହିଛନ୍ତି, 'ଝୁଲାପୋଲର ଯାଞ୍ଚ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରର ବୈଷୟିକ ଟିମ ସହିତ ଯୋଗାଯୋଗ କରାଯାଇଛି । ସେମାନଙ୍କ ଅନୁଧ୍ୟାନ ଏବଂ ବିସ୍ତୃତ ରିପୋର୍ଟ ମିଳିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ । ବର୍ତ୍ତମାନ ସ୍ଥିତିରେ ଝୁଲା ପୋଲାର ରିପୋର୍ଟ ଆସିବା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ସମ୍ପୃକ୍ତ ପୋଲକୁ ସାଧାରଣ ଲୋକଙ୍କ ପାଇଁ ନିଷିଦ୍ଧ କରାଯାଇ ଥିବା କହିଛନ୍ତି ଜିଲ୍ଲାପାଳ ।

# ସ୍ୱାସ୍ଥ୍ୟ ବିଭାଗର ଅବହେଳା
## ମେଡ଼ିକାଲ ବାରଣ୍ଡାରେ ପ୍ରସବ

ରାୟଗଡା: ରାୟଗଡା ଜିଲ୍ଲା କାଶୀପୁର ବ୍ଲକରେ ପୁଣି ଜନନୀ ଯନ୍ତ୍ରଣା ଦେଖିବାକୁ ମିଳିଛି । ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର, କର୍ମଚାରୀ ନ ଥିବାରୁ ସ୍ୱାସ୍ଥ୍ୟ କେନ୍ଦ୍ର ବାରଣ୍ଡାରେ ଗର୍ଭଯନ୍ତ୍ରଣାରେ ଛଟପଟ ହେଉଥିବା ମହିଳା ସ୍ୱାସ୍ଥ୍ୟକେନ୍ଦ୍ର ବାରଣ୍ଡାରେ ହିଁ ପ୍ରସବ କରିଥିଲେ । ଉଭୟ ମା' ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ପୁରୁଣ୍ଡି ଗ୍ରାମର ବେଲନାବାଗଙ୍କ ସ୍ତ୍ରୀ ମିନତି ଖରା ପ୍ରସବ ବେଦନାରେ ଛଟପଟ ହେଉଥିବା ବେଳେ ପରିବାର ଲୋକେ ଅଟୋ ସାହାର୍ଯ୍ୟରେ ଟିକିରି



ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣାଥିଲେ । ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର, କର୍ମଚାରି ନ ଥିବାରୁ ଚଟାଣରେ ହିଁ ଆଶାକର୍ମୀଙ୍କ ସହାୟତାରେ ପ୍ରସବ କରାଇଥିଲେ । କିଛି ଦିନ ପୂର୍ବେ ଏଠାରେ ନିଯୁକ୍ତି ପାଇଥିବା ଡାକ୍ତର ଜଣକ ନିଜ ଇଛା ମୁତାବକ ଡାକ୍ତରଖାନା ଆସୁଥିବା ଅଭିଯୋଗ ହେଉଛି । ଏଥିପ୍ରତି ସ୍ୱାସ୍ଥ୍ୟ ଅଧିକାରୀ ଓ ଜିଲ୍ଲାପାଳ ଦୃଷ୍ଟି ଦିଅନ୍ତୁ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଉଛି ।

# ନେତା ବାଛିଲା ଧାମନଗର: ଇଭିଏମ୍‌ରେ ସିଲ୍ ପ୍ରାର୍ଥୀଙ୍କ ଭାଗ୍ୟ




ଭଦ୍ରକ: ଧାମନଗର ବିଧାନସଭା ଉପନିର୍ବାଚନ ଲାଗି ଗୁରୁବାର ଶେଷ ହୋଇଛି ମତଦାନ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସୁଶୀଲ କୁମାର ଲୋହାନୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ମତଦାନ ଶେଷ ସୁଦ୍ଧା ପ୍ରାୟ ୬୬.୬୩ ପ୍ରତିଶତ ମତଦାନ ହୋଇଥିବା ନେଇ ନିର୍ବାଚନ କମିସନଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ମତଦାନ ଶେଷ ହୋଇଥିବାରୁ ୫ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି । ଇଭିଏମ୍ ଗୁଡ଼ିକ ଧାମନଗରସ୍ଥିତ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି । ଆସନ୍ତା ୬ ତାରିଖ ଦିନ ଭୋଟ ଗଣତି ହେବା ସହିତ ସେହିଦିନ ସନ୍ଧ୍ୟା ସୁଦ୍ଧା ଫଳାଫଳ ପ୍ରକାଶ ପାଇବ । ସକାଳ ୭ ଘଟିକାରୁ ଆରମ୍ଭ ହୋଇଥିଲା ମତଦାନ । ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ପରେ ମଧ୍ୟ କେତେକ ସ୍ଥାନରେ ମତଦାନ ସମୟରେ ତ୍ରୁଟି ପରିଲକ୍ଷିତ ହୋଇଛି । ସେହିପରି ପୋଲିସ୍ ପ୍ରଶାସନର କଡ଼ା ସୁରକ୍ଷା ବଳରେ ମଧ୍ୟରେ କେତେକ ସ୍ଥାନରେ ଗଣ୍ଡଗୋଳ ଦେଖା ଦେଇଛି ଏବଂ ଥାନା ଓ ମେଡିକାଲ ପର୍ଯ୍ୟନ୍ତ କଥା ଯାଇଛି । ବିଜେଡି ପ୍ରାର୍ଥୀନୀ ଅବନ୍ତୀ ଦାସ ନିଜ ଅଞ୍ଚଳ କାଁପଡାରେ ସ୍ଥିତି ସମୀକ୍ଷା କରିବାକୁ ଯାଇ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲଙ୍ଘନ କରିଥିବା ଆରୋପ କରି ଲୋକେ ଉତ୍ୟକ୍ତ ଗାଡିକୁ ଘଉଡାଇ ଥିଲେ । ସେହିପରି ୭ ନମ୍ବର ଜିଲ୍ଲା ପରିଷଦ ଜୋନ ଅଧିନ ୭୫ ନମ୍ବର ବୁଥ୍ ଇଭିଏମ୍ ମେସିନ୍ ତ୍ରୁଟି ଯୋଗୁଁ ପ୍ରାୟ ଦେଡ ଘଣ୍ଟା ବନ୍ଦ ରହିଥିବା ବେଳେ ୧୩ ନମ୍ବର ଜିଲ୍ଲା ପରିଷଦ ଜୋନ୍ ଅଧିନ ସାହାସପୁର ବୁଥ୍‌ରେ ଇଭିଏମ ମେସିନ୍ ତ୍ରୁଟି ଯୋଗୁଁ ଦିବା ପ୍ରାୟ ୧୨ ଘଟିକାରେ ମତଦାନ ଆରମ୍ଭ ହୋଇଥିଲା । ଫଳରେ ମତାଦାତାମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖା ଦେଇଥିଲା । ପରେ ପ୍ରଶାସନ ପକ୍ଷରୁ ଅନ୍ୟ ଏକ ଇଭିଏମ ମେସିନ୍ ବ୍ୟବସ୍ଥା କରାଯିବା ପରେ ମତଦାନ ସ୍ୱାଭାବିକ ହୋଇଥିଲା । ହେଲେ ସ୍ୱାଧିନ ପ୍ରାର୍ଥି ରାଜେନ୍ଦ୍ର ଦାସ ଏହି ଘଟଣାକୁ ନେଇ ପ୍ରଶାସନର କାର୍ଯ୍ୟଧାରାକୁ ଘୋର ନିନ୍ଦା କରିବା ସହ ସ୍ୱଚ୍ଛତା ଓ ନିରପକ୍ଷତାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ତେବେ ଅନ୍ୟ କେଉଁଠି ଇଭିଏମ୍ ମେସିନ୍‌ରେ ତ୍ରୁଟି ପରିଲକ୍ଷିତ ହୋଇ ନ ଥିଲେ ମଧ୍ୟ କାଁଭାଁ ଗଣ୍ଡଗୋଳ ପୋଲିସ ପ୍ରଶାସନ ପାଇଁ ମୁଣ୍ଡ ବଥାର କାରଣ ପାଲଟିଥିଲା । ଏହି ଗଣ୍ଡଗୋଳ ପାଇଁ କଟସାହି ପଞ୍ଚାୟତ ଅଧିନ ୨୨ ଓ ୨୩ ନମ୍ବର ବୁଥ୍, ଦଳାଙ୍ଗ ପଞ୍ଚାୟତ ୧୬୯ ଓ ୧୭୦ ବୁଥ୍, ତିହିଡି ବ୍ଲକ ଅଚକ ପଞ୍ଚାୟତ ଅଧିନ ୬୧ ନମ୍ବର ବୁଥ୍ ଆଦିରେ ମତଦାନ ସମୟରେ ରାଜନୈତିକ ଗଣ୍ଡଗୋଳ ଦେଖା ଦେଇଛି । ଏହି ଗଣ୍ଡଗୋଳରେ ୨ ଜଣ ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ବିଭିନ୍ନ ଥାନାରେ ଏକାଧିକ ଏତଲା ଦାୟର ହୋଇଛି । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହିତ ସମସ୍ତ ବୁଥ୍‌ରେ ଇଭିଏମ ମେସିନ୍ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଗଣତି କେନ୍ଦ୍ରକୁ ନିଆଯାଇଛି । ବିଜେଡି ପ୍ରାର୍ଥୀନୀ ଅବନ୍ତୀ ଦାସ, ବିଜେପି ପ୍ରାର୍ଥି ସୂର୍ଯ୍ୟବଂଶୀ ସୂରଜ, କଂଗ୍ରେସ ପ୍ରାର୍ଥି ବାବା ହରେକୃଷ୍ଣ ଦାସ ଓ ସ୍ୱାଧିନ ପ୍ରାର୍ଥି ରାଜେନ୍ଦ୍ର ଦାସ ନିଜ ନିଜର ସପକ୍ଷରେ ଭୋଟ ଭିକ୍ଷା କରିଥିବା ବେଳେ ସ୍ୱାଧିନ ପ୍ରଚାର ମୈଦାନରେ ରଣହୁଙ୍କାର ଜାରି ରଖିଥିବା ବେଳେ ସ୍ୱାଧିନ ପ୍ରାର୍ଥି ପବିତ୍ର ଦାସଙ୍କର ସେଭଳି କୌଣସି ପ୍ରୟାସ ଜାରି ରହିନଥିବା ବେଶ ବାରି ହୋଇଛି । ଏଠାରେ ସୂଚନା ଥାଉକି, ଧାମନଗର ନିର୍ବାଚନ ମଣ୍ଡଳୀରେ ରହିଛି ଧାମନଗର ବ୍ଲକର ୩୧ଟି ଓ ତିହିଡି ବ୍ଲକର ୧୩ଟି ପଞ୍ଚାୟତ ସମେତ ଧାମନଗର ଏନଏସିର ୧୧ଟି ୱାର୍ଡ । ଏହି ଉପନିର୍ବାଚନରେ ମୋଟ୍ ୨ ଲକ୍ଷ ୩୮ ହଜାର ୪୧୭ ଜଣ ଭୋଟର ଥିବା ବେଳେ ସେମାନଙ୍କ ମଧ୍ୟରେ ୧ ଲକ୍ଷ ୧୬ ହଜାର ୫୭୯ ମହିଳା ଓ ୧ଲକ୍ଷ ୨୪ ହଜାର ୯୨ଜଣ ପୁରୁଷ ଅଛନ୍ତି । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯିବା ସହିତ ସୁରକ୍ଷା ଦୃଷ୍ଟିରୁ ପୂରା ନିର୍ବାଚନ ମଣ୍ଡଳୀକୁ ୩ଟି ଜୋନରେ ବିଭକ୍ତ କରାଯାଇ ୨୫ ପ୍ଲାଟୁନ୍ ପୋଲିସ୍ ଫୋର୍ସ ସହ ୪ କଂପାନି ସିଏପିଏଫ୍ ନିଯୁକ୍ତ କରାଯାଇଥିଲା ।

# ରୋଗୀଙ୍କୁ ନଦେଇ ଫିଙ୍ଗି ଦେଲେ ଔଷଧ

କଳାହାଣ୍ଡି: ରୋଗୀଙ୍କ ପାଇଁ ରାଜ୍ୟ ସରକାର ନିରାମୟ ଯୋଜନା ଦ୍ୱାରା ବିଭିନ୍ନ ରୋଗର ନିରାକରଣ ପାଇଁ ସରକାରୀ ଡାକ୍ତରଖାନା ଙ୍କୁ ଔଷଧ ଯୋଗାଇ ଦେଉଛନ୍ତି । ହେଲେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁଁ ଏହି ଯୋଜନା ବାଟବଣା ହେଉଛି । ଏହି ଔଷଧ ସବୁ ରୋଗୀଙ୍କୁ ଦେବା ପରିବର୍ତ୍ତେ ଖତଗଦାରେ ପକାଇଦେଇ ପୋଡି ଦିଆଯାଉଛି । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକର ମୁଖ୍ୟାଳୟ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ । ସୂଚନା ଅନୁସାରେ ଲାଞ୍ଜିଗଡ଼ ବ୍ଲକର ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଲୋକେ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି । ନିରାମୟ ଯୋଜନାରେ ଆସିଥିବା ଔଷଧ ରୋଗିଙ୍କୁ ନଦେଇ ସେମିତି ପଡ଼ିରହି ଏକ୍ସପେରି ହୋଇଯାଉଛି । ସେହି ଔଷଧ ସବୁକୁ ଡାକ୍ତରଖାନା କର୍ମଚାରୀ ମେଡିକାଲ କ୍ୱାଟର ପଛପଟେ ଥିବା ଅଳିଆକୁଣ୍ଡ ରେ ଫିଙ୍ଗି ଦେଇ ପୋଡ଼ି ଦେଉଛନ୍ତି । ନିୟମ ଅନୁସାରେ ଯଦି କୌଣସି ପିଏଚ୍‌ସି କିମ୍ବା ସିଏଚ୍‌ସିରେ ଔଷଧର ଅବଧି ସରିଯାଏ ତାହେଲେ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇବା କଥା କିନ୍ତୁ କାହାକୁ ନଜଣାଇ ଏହି ଔଷଧ ସବୁ ଫିଙ୍ଗିବା ସହ ପୋଡି ଦେବା ଘଟଣା ସନ୍ଦେହ ସୃଷ୍ଟି କରୁଛି । ଏହି ଘଟଣା ଚର୍ଚ୍ଚା ହେବାପରେ ଲୋକଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ଦେଖାଦେଇଛି । ଏହିଘଟଣା ଲାଞ୍ଜିଗଡ଼ ବ୍ଲକ୍‌ରେ ପ୍ରଥମ ନୁହେଁ । ଆଗରୁ ମଧ୍ୟ ଅନେକ ଥର ଔଷଧ ଗୁଡିକ ଜଙ୍ଗଲକୁ ନେଇ ଫିଙ୍ଗି ଦେଇଥିବା ନଜିର ରହିଛି । ଏ ସମ୍ପର୍କରେ ବ୍ଲକ୍‌ସ୍ୱାସ୍ଥ୍ୟ ଅଧିକାରୀ ନିହାର ରଂଜନ ସାହୁଙ୍କୁ ପଚାରିବାରୁ ଏଭଳି ହୀନ କାର୍ଯ୍ୟ ଯେଉଁ କର୍ମଚାରୀ ମାନେ କରିଛନ୍ତି ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି ।

# ଫଟୋରେ ଖବର

THE AADHAR ODISHA
ଆଧାର ଓଡ଼ିଶା



ପୋଲସରାରେ ଅନୁଷ୍ଠିତ ହୋଇଯାଇଛି ପ୍ରସିଦ୍ଧ ଗୌରିଆମ୍ମା ଯାତ୍ରା। ଏହି ନିଆରା ପାରମ୍ପରିକ ଯାତ୍ରାର କେତେକ ସ୍ଥିରଚିତ୍ର ।

ଫଟୋ–ନାରାୟଣ ସାହୁ,
ଫଟୋ ସାମ୍ବାଦିକ, ପୋଲସରା






























ଲୋକପ୍ରିୟ ଅଭିନେତ୍ରୀ ହଂସିକା ମୋଟଓ୍ୱାନୀଙ୍କ ବିବାହ ଖବର ଏବେ ଚର୍ଚ୍ଚାରେ । ମୁମ୍ବାଇ ବିଜ୍‌ନେସ୍ ମ୍ୟାନ୍ ସୋହେଲ ଖଟୁରିଆଙ୍କ ସହ ହଂସିକାଙ୍କ ବାହାଘର ହେବ । ହଂସିକା ଆରେଞ୍ଜ ମ୍ୟାରେଜ୍ କରୁଥିବା କେତେକ ଖବର ପ୍ରକାଶ ପାଇଥିବାବେଳେ ତାଙ୍କର କେତେଜଣ ଖାସ୍ ବନ୍ଧୁ ଏହା ଲଭ୍ ମ୍ୟାରେଜ୍ ବୋଲି କହୁଛନ୍ତି । କିଛି ଦିନ ତଳେ ଚର୍ଚ୍ଚା ଆରମ୍ଭ ହୋଇଥିଲା ଯେ, ହଂସିକା ମୋଟଓ୍ୱାନୀ ଚଳିତ ବର୍ଷ ଡିସେମ୍ବରରେ ବିବାହ କରିବାକୁ ଯାଉଛନ୍ତି । ହଂସିକାଙ୍କ ବିବାହ ପାଇଁ ୪୫୦ବର୍ଷ ପୁରୁଣା ଦୁର୍ଗ ବୁକ୍ କରାଯାଇଥିବା ବେଳେ ଏହା ବଲିଉଡର ପରବର୍ତ୍ତୀ ଚର୍ଚ୍ଚିତ ବିବାହ ବୋଲି ଚର୍ଚ୍ଚା ହୋଇଥିଲା । ଡିସେମ୍ବର ୪ରେ ସେ ବିବାହ କରିବେ ବୋଲି ଜଣାପଡ଼ିଛି । ଜାତୀୟ ଗଣମାଧ୍ୟମ ହିନ୍ଦୁସ୍ତାନ ଟାଇମ୍ସର ସ୍ୱତନ୍ତ୍ର ରିପୋର୍ଟରେ ହଂସିକା ମୋଟଓ୍ୱାନୀଙ୍କ ବିବାହ ତାରିଖ, ତାଙ୍କ ବର କିଏ? ଓ ସେ କେଉଁଠାରେ ବିବାହ କରିବେ ସେ ବିଷୟରେ କୁହାଯାଇଛି । ଏହି ରିପୋର୍ଟରେ ବିବାହ ଉତ୍ସବ ସହ ଜଡିତ ଅନେକ ବିବରଣୀ ସାମ୍ନାକୁ ଆସିଛି । ଅଭିନେତ୍ରୀଙ୍କ ଜଣେ ଘନିଷ୍ଠ ସହଯୋଗୀ କହିଛନ୍ତି ଯେ ହଂସିକାଙ୍କ ବିବାହ ଡିସେମ୍ବର ୪ରେ ହେବ କିନ୍ତୁ ବିବାହ କାର୍ଯ୍ୟ ଡିସେମ୍ବର ୨ରୁ ଆରମ୍ଭ ହେବ । ବିବାହ କାର୍ଯ୍ୟରେ ପରିବାର ଓ କେତେଜଣ ଖାସ୍ ବନ୍ଧୁ ଉପସ୍ଥିତ ରହିବେ ବୋଲି କୁହାଯାଉଛି । ପ୍ରତ୍ୟେକ କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ପ୍ରକାର ଡ୍ରେସ୍କୋର୍ଡର ବ୍ୟବସ୍ଥା କରାଯାଇଥିବାବେଳେ ଜୟପୁର ରାଜପ୍ରସାଦରେ ବିବାହ ସମାରୋହର ଆୟୋଜନ କରାଯାଇଛି । ଶେଷଥର ପାଇଁ ଫିଲ୍ମ 'ମହା'ରେ ହଂସିକାଙ୍କୁ ଦେଖାଯାଇଥିଲା ।

# ବିବାହ କରିବେ ହଂସିକା



# ଅଭିନୟ ଆଣିଛି ପରିଚୟ

## 'ଉତ୍ତରାଖଣ୍ଡ ସୁନ୍ଦରୀ'ରୁ ଲୋକପ୍ରିୟ ଟେଲି-ଅଭିନେତ୍ରୀ

ଅନେକ କଳାକାରଙ୍କ ପାଇଁ ଅଭିନୟ ଏକ ସୌଖୀନ କଳା ହୋଇଥିବା ବେଳେ ଅନେକଙ୍କ ପାଇଁ ଏହା ଅପରିହାର୍ଯ୍ୟ ହୋଇପଡ଼ିଥାଏ । ଏପରିକି ଏହା ସେମାନଙ୍କ ଭରଣପୋଷଣର ଜୀବିକା ପାଲଟିବା ସହ ସେମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ମଧ୍ୟ ପ୍ରଦାନ କରିଥାଏ । ଅଭିନେତ୍ରୀ ଆଶା ନେଗି ହେଉଛନ୍ତି ସେଭଳି ଜଣେ ଟିଭି କଳାକାର ଯାହାଙ୍କର ପିଲାବେଳୁ ଅଭିନୟ ପ୍ରତି ଆଦୌ ଦୁର୍ବଳତା ନ ଥିବା ବେଳେ ସମୟାନୁକ୍ରମେ ତାହା ତାଙ୍କୁ ଆଶାତୀତ ଖ୍ୟାତି ଓ ପ୍ରତିଷ୍ଠା ଯୋଗାଇଦେଇଛି । ମାତ୍ର ୧୨ ବର୍ଷର ଅଭିନୟ ଜୀବନ ଭିତରେ ଚାଳିଶରୁ ଅଧିକ ଟିଭି ଧାରାବାହିକ ସମେତ ଚାରିଟି ଓ୍ୱେବ୍ ଧାରାବାହିକରେ ଅଭିନୟ କରି ସେ ଦର୍ଶକମାନଙ୍କର ମନ ଜିଣିବାରେ ସକ୍ଷମ ହୋଇପାରିଛନ୍ତ । ଏଭଳି ବ୍ୟାପକ ଅଭିନୟ ସତ୍ତ୍ୱେ ଯଦିଓ ତାଙ୍କୁ ସେଭଳି କୌଣସି ପ୍ରମୁଖ ପୁରସ୍କାର ମିଳିପାରିନାହିଁ, ତେବେ ସେ ତାଙ୍କର ପ୍ରଦର୍ଶନରେ ସନ୍ତୁଷ୍ଟ ଅଛନ୍ତି ଏବଂ ଦର୍ଶକୀୟ ଗ୍ରହଣୀୟତା ହିଁ ତାଙ୍କ ପାଇଁ ଶ୍ରେଷ୍ଠ ପୁରସ୍କାର ବୋଲି କହନ୍ତି । ସେହିପରି ଏତେ ଅଭିଜ୍ଞ କଳାକାର ହୋଇ ସୁଦ୍ଧା ମାତ୍ର ଦୁଇଟି ହିନ୍ଦୀ ସିନେମାରେ ସୁଯୋଗ ମିଳିବା ମଧ୍ୟ ତାଙ୍କ ମନକୁ ଊଣା କରିପାରିନାହିଁ । ଉତ୍ତରାଖଣ୍ଡର ଡେରାଡୁନ୍‌ରେ ୧୯୮୮ ଅଗଷ୍ଟ ୨୩ ତାରିଖରେ ଜନ୍ମିତ ଆଶା କଲେଜରେ ପଢୁଥିବା ବେଳେ ଅନ୍ୟମାନଙ୍କର ପ୍ରୋତ୍ସାହନ ପାଇ ବିଭିନ୍ନ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ନିଜକୁ ସାମିଲ କରିଥିଲେ । ସୌଭାଗ୍ୟକୁ ସେ ୨୦୦୯ର 'ଉତ୍ତରାଖଣ୍ଡ ସୁନ୍ଦରୀ' ମୁକୁଟ ଧାରଣ କରିଥିଲେ ଯାହା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା ।

ଏହାପରେ ସେ ଗ୍ଲାମର ଦୁନିଆରେ ନିଜକୁ ପ୍ରତିଷ୍ଠିତ କରିବା ଲାଗି ମୁମ୍ବାଇ ଚାଲି ଆସିଥିଲେ ଏବଂ ବିଭିନ୍ନ ବିଜ୍ଞାପନରେ ମଡେଲିଂ କରି ନିଜର ଭାଗ୍ୟ ପରୀକ୍ଷା କରିଥିଲେ । ତେବେ ୨୦୧୦ରେ ଟିଭି ଧାରାବାହିକ ଜଗତ୍‌କୁ ତାଙ୍କର ପ୍ରଥମ ପ୍ରବେଶ ହୋଇଥିଲା ଷ୍ଟାର ପ୍ଲସ୍‌ରେ 'ସପନୋଁ ସେ ଭରେ ନୈନା' ମାଧ୍ୟମରେ । ତାଙ୍କୁ ମିଳିଥିବା 'ମଧୁରା' ଚରିତ୍ରକୁ ସେ ଏପରି ନିଖୁଣ ଭାବରେ ନିର୍ବାହ କରିଥିଲେ ଯେ ପରବର୍ତ୍ତୀ ଧାରାବାହିକ 'ବଡ଼େ ଅଚ୍ଛେ ଲଗତେ ହେଁ'ରେ ତାଙ୍କୁ ଆପଣା ଛାଏଁ ସୁଯୋଗ ମିଳିଯାଇଥିଲା । ତେବେ ସେ ଏକ ପରିଚିତ ନାଁ ପାଲଟିଲେ ୨୦୧୧ରୁ ୨୦୧୪ ଯାଏ ଜୀ ଟିଭିରେ ପ୍ରସାରିତ ଧାରାବାହିକ 'ପବିତ୍ର ରିସ୍ତା'ର ପୂର୍ବୀ ଦେଶମୁଖ ଭୂମିକା ମାଧ୍ୟମରେ । ଏହାପରେ ପଛକୁ ପଛ 'ଶୁଭ ବିବାହ', 'ହିଟଲର ଦିଦି', 'ଏକ ମୁଠି ଆଶମାନ', 'ଜମାଇ ରାଜା', 'ୟେ ହୈ ଆଶିକି' ଓ 'କୁମ୍‌କୁମ୍ ଭାଗ୍ୟ' ଆଦି ଧାରାବାହିକରେ ତାଙ୍କର ଭିନ୍ନ ଭିନ୍ନ ଅବତାର ଦେଖିବାକୁ ମିଳିଥିଲା । ସେହିପରି 'ବିଗ୍ ବସ୍ ୬', 'ନଚ୍ ବଲିୟେ ୬', 'ଫିଅର ଫାକ୍ଟର: ଖତରୋଁ କେ ଖିଲାଡ଼ି ୬' ଆଦି ବାସ୍ତବଧର୍ମୀ ଧାରାବାହିକରେ ମଧ୍ୟ ସେ ନିଜର ଚମକ ଦେଖାଇ ପାରିଛନ୍ତି ।



# ତ୍ୱଚା ପାଇଁ ଉଷୁମ ପାଣି ବ୍ୟବହାର କରୁଥିଲେ ଜାଣି ରଖନ୍ତୁ

**ଶୀତ ଦିନ ଆସିଯାଇଥିବାରୁ ଏହି ଦିନେ ସଭିଏଁ ସାଧାରଣତଃ ଉଷୁମ ପାଣିରେ ଗାଧୋଇ ଥାଆନ୍ତି । ଏହାସହ ଉଷୁମ ପାଣିରେ ମୁହଁ ମଧ୍ୟ ଧୋଇ ଥାଆନ୍ତି । ମାତ୍ର ଶରୀର ତୁଳନାରେ ତ୍ୱଚାର ଚର୍ମ ଖୁବ କୋମଳ । ତେଣୁ ଏହା ଉପରେ ପ୍ରଭାବ ମଧ୍ୟ ଖୁବ ଶୀଘ୍ର ପଡିଥାଏ ।**

- ଉଷୁମ ପାଣିରେ ତ୍ୱଚା ଧୋଇବା ଦ୍ୱାରା ତ୍ୱଚା କୁଣ୍ଡାଇ ହେବା ସମସ୍ୟା ସୃଷ୍ଟି ହେବା ସହ ଲାଲ ଦାଗ ମଧ୍ୟ ହୋଇଥାଏ ।
- ଲଗାତାର ଉଷୁମ ପାଣିରେ ତ୍ୱଚା ଧୋଇଲେ ବ୍ରଣ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ଥାଏ ।
- ଉଷୁମ ପାଣି ବ୍ୟବହାର ଦ୍ୱାରା ତ୍ୱଚାରେ ଥିବା ପ୍ରାକୃତିକ ତୈଳ ,ପ୍ରୋଟିନ ହ୍ରାସ ପାଇଥାଏ । ଫଳରେ ତ୍ୱଚା ଅଧିକ ଶୁଷ୍କ ହୋଇଥାଏ ।



- ନିୟମିତ ଉଷୁମ ପାଣି ବ୍ୟବହାର ଦ୍ୱାରା ମୁହଁରେ କଳାଦାଗ ସୃଷ୍ଟି ହେବାର ମଧ୍ୟ ସମ୍ଭାବନା ଥାଏ ।
- ମୁହଁରେ କୁଞ୍ଚନ ସମସ୍ୟା ସୃଷ୍ଟି ହୋଇଥାଏ ।
- ମୁହଁକୁ ସର୍ବଦା ସାଧାରଣ ତାପମାତ୍ରାରେ ଥିବା ପାଣିରେ ଧୁଅନ୍ତୁ । ଏହା ତ୍ୱଚା ପାଇଁ ଖୁବ ଉପକାରୀ ।
- ମୁହଁ ଧୋଇବା ପରେ ମଶ୍ଚରାଇଜର ଲଗାନ୍ତୁ ।

# ଏସବୁ ସେବନ କଲେ ଶୀତରେ ରହିବେ ସୁସ୍ଥ

**ଶୀତ ଆସିଛି । ତେବେ ଏହି ଦିନରେ କିଛି ସ୍ୱତନ୍ତ୍ର ଖାଦ୍ୟପେୟ ସହ କେତେକ ସହଜ ଉପାୟ ଜାଣନ୍ତୁ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଶୀତଋତୁରେ ବିଭିନ୍ନ ପ୍ରକାରର ଶାଗ ଖାଇବା ମଧ୍ୟ ଭଲ । ଶରୀରକୁ ଭିତରୁ ଉଷ୍ମତା ମିଳୁଥିବାର ତଥ୍ୟରୁ ଜଣାପଡ଼ିଛି । ସୋରିଷ ଶାଗକୁ ମଧ୍ୟ ଭୋଜନରେ ସାମିଲ କରନ୍ତୁ । କ୍ୟାଲୋରୀ ଭରପୂର ଶାଗରେ କାର୍ବୋହାଇଡ୍ରେଟ୍, ଫାଇବର୍, ପୋଟାସିୟମ୍, ଭିଟାମିନ୍ ଏ, ସି, ଡି, ବି-୧୨, ମ୍ୟାଗ୍ନେସିୟମ୍, ଲୌହ, କ୍ୟାଲସିୟମ୍ ଥିବା ଏହି ଶାଗ ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକାରୀ । ଆଣ୍ଟି-ଅକ୍ସିଡାଣ୍ଟ ଭରପୂର ସୋରିଷ ଶାଗ ଖାଇଲେ ଶରୀରକୁ ଶକ୍ତି ମିଳେ ।**

- ସପ୍ତାହକୁ ଅନ୍ତତଃ ୨-୩ଥର ସୋରିଷ ଶାଗ ଖାଇଲେ ଶରୀରରେ କୋଲଷ୍ଟ୍ରୋରଲ୍ ସ୍ତର ନିୟନ୍ତ୍ରଣ ରହେ ।
- ହୃଦ୍‌ରୋଗରୁ ବର୍ତ୍ତିବାକୁ ଚାହୁଁଥିବା ଲୋକ ନିଜ ଡାଏଟ୍ ତାଲିକାରେ ସୋରିଷ ଶାଗ ସାମିଲ କରିବା ଭଲ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ ।
- କ୍ୟାଲସିୟମ୍ ଓ ପୋଟାସିୟମ୍ ଭରପୂର ଏହି ଶାଗ ଖାଇଲେ ହାଡ଼, ଗଣ୍ଠି ମଧ୍ୟ ଶକ୍ତ ହୋଇଥାଏ ।
- ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଶୀତରେ ଆଣ୍ଠୁଗଣ୍ଠି ସମସ୍ୟା ଥିବା ଲୋକ ନିୟମିତ ସୋରିଷ ଶାଗ ଖାଇଲେ ଉପଶମ ମିଳେ ।
- ରାତିରେ ଉଷୁମ ଖିରରେ ଚିମୁଟାଏ ହଳଦୀ ମିଶାଇ ପିଇବା ମଧ୍ୟ ଖୁବ୍ ହିତକାରୀ ।
- ଶୀତଋତୁରେ ଦୈନିକ ସକାଳୁ ଖାଲିପେଟରେ ରସୁଣ ୨ ପାଖୁଡ଼ା ଚୋବାଇ ଖାଆନ୍ତୁ । ଥଣ୍ଡା ସମସ୍ୟାରୁ ଆପଣ ରକ୍ଷା ପାଇପାରିବେ ।
- ଭୋଜନ ସମୟରେ ଆପଣ କଞ୍ଚା ପିଆଜ ଖାଇବାର ଅଭ୍ୟାସ କରନ୍ତୁ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ରସୁଣ, ପିଆଜରେ ଥିବା ଏଲିସିନ୍ ତତ୍ତ୍ୱ କାରଣରୁ ଆମ ଶରୀରରେ ରକ୍ତ ସଞ୍ଚାଳନ ଭଲଭାବେ ହେଉଥିବା ସହ ଶରୀର ଉଷ୍ମ ମଧ୍ୟ ରହେ ।
- ଥଣ୍ଡାରୁ ରକ୍ଷା ପାଇଁ ନିଜ ଡାଏଟ୍‌ରେ ଅଖରୋଟ୍, ବାଦାମ ଭଜା, ରାଶି ଇତ୍ୟାଦି ସାମିଲ କଲେ ଲାଭ ପାଇପାରିବେ ।
- ଚା' ପିଇବାର ଅଭ୍ୟାସ ଥିଲେ, ସେଥିରେ ୧ ଚାମଚ ଅଦାରସ ମିଶାଇ ପିଇବାର ଅଭ୍ୟାସ କରନ୍ତୁ । ଏଇ ଉପାୟରେ ଆପଣଙ୍କ ଶରୀରକୁ ଶକ୍ତି ମିଳିବ ।



THE AADHAR ODISHA
ଆଧାର୍ ଓଡ଼ିଶା

# ସାପ୍ତାହିକ ରାଶିଫଳ

ଜ୍ୟୋତିର୍ବିଦ୍ୟା ପଣ୍ଡିତ ଗ୍ରହାଃଚାର୍ଯ୍ୟ
ଶ୍ରୀ ବ୍ରହ୍ମାନନ୍ଦ ନାୟକ
ଯୋଗାଯୋଗ-୯୯୩୭୬୬୨୭୦୨



**ମେଷ**: ୪ ବ୍ୟବସାୟକ୍ଷେତ୍ରେ ସଫଳତା ଲାଭ କରିବେ । ୫ କିଛି ଖର୍ଚ୍ଚାନ୍ତରେ ରହିବେ । ମନ ଅସ୍ଥିର ରହିବ । ୬ ଘାତବାର । ୭ ଘାତଚନ୍ଦ୍ର ଯୋଗୁ କିଛି ପରିବର୍ତ୍ତନ ନାହିଁ । ୮ ଓ ୯ ଭଲ କରିବାକୁ ଗଲେ ମଧ୍ୟ ବିରୋଧର ସମ୍ମୁଖୀନ ହେବେ । ମହିଳାମାନେ ଗୃହ କର୍ମରେ ରହିବ ।

**ବୃଷ**: ୪ ଯଥାକଥାରେ କଟିବ । ୫ ଘାତବାର, ଯାତ୍ରା ବିଧିକରଣକୁ ମନା । ୬ ମନ ଭଲ ରହିବ । ୭ ମନ ଅଶାନ୍ତି କାର୍ଯ୍ୟହାନୀ । ୮ କୌଣସି ପରିବର୍ତ୍ତନ ନାହିଁ । ୯ ଓ ୧୦ ପରିବାର ମଧ୍ୟେ ଖୁସି । ଅର୍ଥଲାଭ, ମନପ୍ରାଣ, ଶରୀର ଭଲ ରହିବ । ମହିଳାମାନେ ଗୃହ କର୍ମରେ ରତ୍ ରହିବେ ।

**ମିଥୁନ**: ୪ ଓ ୫ ଆୟ ଓ ବ୍ୟବସାୟକ୍ଷେତ୍ରେ ମନ ଭଲ ରହିବ । ଅର୍ଥଲାଭର ଯୋଗ ଅଛି । ୬ ଓ ୭ କୌଣସି ପରିବର୍ତ୍ତନ ନାହିଁ । ଘାତବାର ଯୋଗୁ ନିରବ ରହିବେ । ୮ ଓ ୯ ପ୍ରତ୍ୟେକ କ୍ଷେତ୍ରେ ଗୃହପରିବେଶ ଭଲ ରହିବ । ୧୦ କୌଣସି କାର୍ଯ୍ୟପାଇଁ ଅର୍ଥ ବ୍ୟୟରେ ରହିବେ ।

**କର୍କଟ**: ୪ ପଥବନ୍ଧନ, ମାନହାନୀ । ୫ ଓ ୬ କଲ୍ୟାଣୀଚନ୍ଦ୍ର ଯୋଗୁ ଶୁଭଫଳ ।୭ ଓ ୮ ମନପ୍ରାଣ ଭଲ ରହିବ । ଅର୍ଥଲାଭର ଆଶା ଅଛି ।୯ ଘାତବାର । ୧୦ ମନପ୍ରାଣ, ଶରୀର ଓ ଗୃହ ପରିବେଶ ସମସ୍ତ ଭଲ ରହିବ । ମହିଳାମାନେ ଗୃହ ଉପଯୋଗୀ କର୍ମ କରିବେ ।

**ସିଂହ**: ୪ ଧନଲାଭ, ସମ୍ମାନ ବୃଦ୍ଧି । ମନପ୍ରାଣ ଭଲ ରହିବ । ୫ ଓ ୬ ପଥ ବନ୍ଧନ । ୭ ଓ ୮ ଅନୁଶୋଚନା ଫଳ । କଳହ ଓ ଅନର୍ଥ ସୂଚକ । ୯ ଓ ୧୦ କଲ୍ୟାଣୀଚନ୍ଦ୍ର ଯୋଗୁ କର୍ମେ ଖୁସି । ଶରୀର ମନପ୍ରାଣ ଭଲ ରହିବ । ମହିଳାମାନେ ଗୃହଧନ୍ଦାରେ ରହିବେ । ବିଦ୍ୟାର୍ଥୀ ସଫଳତା ଲାଭ କରିବେ ।

**କନ୍ୟା**: ୪ କର୍ମକ୍ଷେତ୍ରେ ଶୁଭ । ମିତ୍ର ଲୋକଙ୍କ ଦ୍ୱାରା ସମ୍ମାନିତ । ୫ ଓ ୬ ଯାତ୍ରା ବିଧିକରଣକୁ ଶୁଭ । ଅର୍ଥଲାଭ, ମନପ୍ରାଣ ଭଲ ରହିବ । ୭ ଓ ୮ ଶରୀର କ୍ଲେଶ । ୯ ଚିନ୍ତା ବୃଦ୍ଧି, ଦେହ ଅସୁସ୍ଥ । ୧୦ କାର୍ଯ୍ୟକ୍ରମେ ବାଧାବିଘ୍ନ । ଖର୍ଚ୍ଚାନ୍ତରେ ରହିବେ । ମହିଳାମାନେ ଶରୀର କଷ୍ଟ ସହିତ ଗୃହ କର୍ମରେ ରହିବେ ।

**ତୁଳା**: ୪ ମନ ଅସ୍ଥିର ରହିବ । ୫ ଯଥାକଥାରେ କଟିବ । ମହିଳାମାନଙ୍କ ଘାତଚନ୍ଦ୍ର ଯୋଗୁ ଶରୀର ଅସୁସ୍ଥ । ୬ କାର୍ଯ୍ୟକ୍ରମେ ଶୁଭ । ମନଟି ଭଲ ରହିବ । ୭ ଓ ୮ ପରହସ୍ତ ଧନପ୍ରାପ୍ତ । ଆୟକ୍ଷେତ୍ରେ ଶୁଭ । ୯ ଓ ୧୦ ଅର୍ଥହାନୀ । ମହିଳାମାନେ ପରିବାର ବର୍ଗେ ଖୁସିର ପାତ୍ର ହେବ ।

**ବିଛା**: ୪ ଅକସ୍ମାତ କଳି ସୃଷ୍ଟିହୋଇପାରେ । ୫ ଓ ୬ କଲ୍ୟାଣୀଚନ୍ଦ୍ର ଯୋଗୁ ପ୍ରତ୍ୟେକ କ୍ଷେତ୍ରେ ମଧ୍ୟମ ଧରଣର ଫଳପ୍ରଦ । ମନଭଲ ରହିବ । ୭ ଓ ୮ ମଧ୍ୟମ ଫଳ । କିଛି ଅର୍ଥପ୍ରାପ୍ତ ହେବ । ୯ ଯଥାକଥାରେ ସମୟ କଟିବ । ୧୦ କର୍ମକ୍ଷେତ୍ରେ ଶୁଭ । ମହିଳାମାନେ ନିଜର ଦାୟିତ୍ୱ କାମକୁ ବଜାୟ ରଖିବେ ।

**ଧନୁ**: ୪ ସମ୍ମାନପ୍ରାପ୍ତ । ୫ ଅର୍ଥହାନୀ, ଖର୍ଚ୍ଚାନ୍ତ, କଳହ । ୬ ପୁରୁଷଙ୍କର ଘାତଚନ୍ଦ୍ର । ଯାତ୍ରା ବିଧିକରଣକୁ ମନା । ୭ ଓ ୮ କର୍ମେ ଶୁଭ । ବନ୍ଧୁ ମିଳନ । ୯ ଓ ୧୦ ବାହ୍ୟସ୍ତରେ ଏବଂ ଗୃହେଶୁଭ । ସମ୍ମାନପ୍ରାପ୍ତ, ମନଖୁସିରେ ରହିବ । ମହିଳାମାନେ ଦେବପୂଜାରେ ମନ ବଳାଇବେ ।

**ମକର**: ୪ ଯଥାକଥାରେ ସମୟ କଟିବ । ୫ ଓ ୬ ବ୍ୟବସାୟକ୍ଷେତ୍ରେ. ଆୟକ୍ଷେତ୍ରେ ଲାଭବାନ ହେବେ । ୭ ଓ ୮ ଅଶାନ୍ତି ମାର୍ଗ, କଳହ ଓ ଅନର୍ଥ । ୯ ଓ ୧୦ ଗୁରୁଜନଙ୍କ ସ୍ୱାସ୍ଥ୍ୟନେଇ ଦୁଃଖିତ, ଖର୍ଚ୍ଚାନ୍ତ । ମହିଳା ପ୍ରତ୍ୟେକ କାର୍ଯ୍ୟକୁ ସୁଚାରୁରୂପେ ସମ୍ଭାଳି ନେବେ। ଛାତ୍ରଛାତ୍ରୀଙ୍କ ପାଇଁ ଭଲ।

**କୁମ୍ଭ**: ୪ ପ୍ରତ୍ୟେକ କାମରେ ମନପ୍ରାଣ ଭଲ ରହିବ । ୫ ଓ ୬ ଗୃହ ପରିବେଶ ଭଲ । ୭ ଓ ୮ ଭାବିଥିବା କାମ କରିପାରନ୍ତି । ପ୍ରତ୍ୟେକକ୍ଷେତ୍ରେ ମନ ଆନନ୍ଦ ରହିବ । ୯ ଓ ୧୦ କର୍ମେହାନୀ, ଖର୍ଚ୍ଚାନ୍ତ, ବାହ୍ୟସ୍ତରେ ଗାଳି, ଝଗଡ଼ା ହୋଇପାରେ । ମହିଳାମାନେ ଆନନ୍ଦ ସହିତ ଗୃହକାର୍ଯ୍ୟକୁ ସମ୍ଭାଳି ନେବେ ।

**ମୀନ**: ୪ ଦେହ ଅସୁସ୍ଥ ରହିବ । ୫ ଓ ୬ ମିତ୍ରଲୋକଙ୍କ ଦ୍ୱାରା ଅର୍ଥପ୍ରାପ୍ତ ।୭ ଓ ୮ ଶୁକ୍ଳପକ୍ଷ ଯୋଗୁ ସମସ୍ତ କାର୍ଯ୍ୟରେ ସମଫଳ ପ୍ରାପ୍ତ ହେବ । ୯ ଓ ୧୦ କର୍ମେ ଖୁସି ରହିବେ । ଶରୀର ଓ ମନପ୍ରାଣ ଭଲ ରହିବ । ମହିଳାମାନେ ପରିବାରଙ୍କ ପାଇଁ ଆନନ୍ଦରେ ରହିବେ । ବିଦ୍ୟାର୍ଥୀମାନେ ଶିକ୍ଷାରେ ରହିବେ ।

# ପଦ୍ମପୁରକୁ ଜିଲ୍ଲା ଦାବିରେ ଦୁଇ ଦିନିଆ ବନ୍ଦ



ପଦ୍ମପୁର/ବରଗଡ଼: ପଦ୍ମପୁର ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ଦାବିକରି ଦୁଇ ଦିନିଆ ବନ୍ଦ ପାଳନ କରିଛନ୍ତି ପଦ୍ମପୁର ବାସିନ୍ଦା । ପଦ୍ମପୁରର ବିଭିନ୍ନ ସଙ୍ଗଠନ ଏହି ବନ୍ଦ ଡାକରାକୁ ସମର୍ଥନ କରିଥିବା ବେଳେ ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ସମସ୍ତ ବ୍ଲକରେ ମଧ୍ୟ ଏହାକୁ ସମର୍ଥନ ଜଣାଇ ଦୁଇ ଦିନିଆ ବନ୍ଦ କରାଯାଇଛି । ପଦ୍ମପୁର ନାଗରିକ କମିଟିର ଆହ୍ୱାନ କ୍ରମେ ବିଭିନ୍ନ ସଂଗଠନର ସମର୍ଥନରେ ୪୮ଘଣ୍ଟା ପଦ୍ମପୁର ବନ୍ଦ ପାଳନ କରାଯାଇଛି । ଜିଲ୍ଲା ଦାବିରେ ବନ୍ଦକୁ ସମର୍ଥନ ଜଣାଇ ସମସ୍ତ ଦୋକାନ ବଜାର, ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ, ସ୍କୁଲ୍ କଲେଜ କାର୍ଯ୍ୟାଳୟ ବନ୍ଦ ରହିଥିଲା । ପଦ୍ମପୁର ଉପଖଣ୍ଡର ଝାରବନ୍ଧ, ପାଇକମାଳ, ରାଜବୋଡ଼ାସମ୍ବର, ଗାଇସିଲେଟ୍, ବିଜେପୁର, ସୋହେଲା ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ସରକାରୀ ଦପ୍ତର, କର୍ମଚାରୀ ନିଯୁକ୍ତି, ପର୍ଯ୍ୟଟନର ବିକାଶ ଦାବି ନେଇ ଆଗକୁ ଆସୁଥିବା ଉପର୍ନିର୍ବାଚନ ପୂର୍ବରୁ ପୁଣି ମୁଖ୍ୟମନ୍ତ୍ରୀଙ୍କୁ ନିଜ ହକ୍ ପାଇଁ ଦାବି କରିଛନ୍ତି ।

ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡକୁ ବିଭିନ୍ନ କ୍ଷେତ୍ରରେ ଅବହେଳା କରାଯାଉଥିବା ବେଳେ ସ୍ଥାନୀୟଲୋକେ ଦୀର୍ଘ ବର୍ଷରୁ ଏହାକୁ ବିରୋଧ କରି ଆସୁଛନ୍ତି । ବିପରୋଧ ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଶେଷରେ ବରଗଡ଼ ଜିଲ୍ଲାରୁ ପଦ୍ମପୁରକୁ ଅଲଗା କରାଯାଇ ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ଦିଆଯାଉ ବୋଲି ଦାବି କରିଛନ୍ତି ସ୍ଥାନୀୟ ବସିନ୍ଦା । ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡରେ ୬ ଗୋଟି ବ୍ଲକ ରହିଥିବା ବେଳେ ପ୍ରାୟତଃ ସମସ୍ତ ବ୍ଲକର ଲୋକଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ଯିବାକୁ ୧୨୦ କିଲୋମିଟର ଦୂରରୁ ଯିବାକୁ ପଡ଼ିଥାଏ । ଅନ୍ୟପଟେ ଏହି ଅଞ୍ଚଳକୁ ପ୍ରଶାସନିକ ଅବହେଳା କରାଯାଉଥିବା ଏବଂ ବିକାଶ କାର୍ଯ୍ୟ ଆଦୌ ହେଉନଥିବା ନେଇ ଅଞ୍ଚଳବାସୀ ଆନ୍ଦୋଳନ କରି ପଦ୍ମପୁର ଜିଲ୍ଲା କରାଯାଉ ବୋଲି ଦାବି କରିଛନ୍ତି । ତେଣୁ ପଦ୍ମପୁରକୁ ଦୁଇଦିନ ଯାଏଁ ବନ୍ଦ ରଖାଯାଇଛି ।

ସୂଚନାଯୋଗ୍ୟ ଯେ, ଗତ ୧୯୯୩ରେ ଜିଲ୍ଲା ଗଠନ ସମୟରେ ଭୌଗୋଳିକ ସ୍ଥିତି ଓ ଅବସ୍ଥିତି ଯୋଗୁଁ ପଦ୍ମପୁରକୁ ଜିଲ୍ଲା ଘୋଷଣା ପାଇଁ ଅନ୍ତର୍ଭୁକ୍ତ କରାଯାଇଥିଲା । ପରେ ପଦ୍ମପୁରକୁ ବାଦ ଦେଇ ନୂଆପଡ଼ାକୁ ନୂତନ ଜିଲ୍ଲା ଘୋଷଣା କରାଯାଇଥିଲା । ଗତ ୨୦୧୯ରେ ମଧ୍ୟ ଏହି ଦାବି ଉପସ୍ଥାପନ କରାଯାଇଥିଲା । ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ତାଙ୍କ ପ୍ରତିଶ୍ରୁତିକୁ ସମ୍ମାନ ଜଣାଇ ଆନ୍ଦୋଳନକୁ ସ୍ଥଗିତ ରଖିଥିଲେ । ଅଦ୍ୟାବଧି କୌଣସି ପ୍ରତିକ୍ରିୟା ପ୍ରକାଶ କରି ନଥିବାରୁ ଅଂଚଳରେ ବିକାଶ ବାଧାପ୍ରାପ୍ତ ହେବା ସହ ପୁନଶ୍ଚ ଆନ୍ଦୋଳନ କରିବାକୁ ବାଧ୍ୟ କରାଯାଇଛି।


# ସୁବର୍ଣ୍ଣପୁର ଜିଲ୍ଲାରେ କାଳିଆ ତୁଳସୀ ରଥକୁ ସମ୍ବର୍ଦ୍ଧନା



ସୁବର୍ଣ୍ଣପୁର: ସୁବର୍ଣ୍ଣପୁର ଜିଲ୍ଲାର ପାତାଳୀ ଶ୍ରୀକ୍ଷେତ୍ର କୋଟସମଲେଇ ଠାରୁ ପୁରୀ ଶ୍ରୀକ୍ଷେତ୍ରକୁ ବାହାରିଛି ତୁଳସୀ ରଥ । ପ୍ରଥମେ ଉଲୁଣ୍ଡା, ପରେ ବିନିକା, ଖାରି, ନାରାୟଣ ପୁର, ବିଶିମୁଣ୍ଡା, ସୋନପୁର ସହର ଦେଇ ଏକ ସୁସଜ୍ଜିତ ରଥରେ କାଳିଆ ମହାପ୍ରଭୁଙ୍କ ସୁନାବେଶ ପାଇଁ ତୁଳସୀ ଓ ଫୁଲ ଭକ୍ତ ମାନଙ୍କଠାରୁ ସଂଗ୍ରହ କରି ପୁରୀ ଅଭିମୁଖେ ବାହାରିଛି । ଏଥିପାଇଁ ଜିଲ୍ଲାର ସବୁ ଗାଁ ଓ ସହରର ପ୍ରତି ଛକ ଛକରେ ପୁରୁଷ ଓ ମହିଳା ଭକ୍ତ ଜଗନ୍ନାଥ ପ୍ରେମୀ ଖୁବ ଉତ୍ସାହ, ଉଦ୍ଦୀପନା, ଭକ୍ତି ଓ ଉତ୍କଣ୍ଠାର ସହ ପ୍ରଭୁଙ୍କ ରଥକୁ ସ୍ୱାଗତ ଓ ଦର୍ଶନ ଲାଭ କରିବ । ପାଇଁ ବିଭିନ୍ନ ସଂଗଠନର ଶହ ଶହ ସଂଖ୍ୟାରେ ପ୍ରସ୍ତୁତ ଥିଲେ । ଆଉ ରଥ ବୁଲିବା ଏଇ ଖବର ପରେ ଚାରିଆଡେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସହିତ ଭକ୍ତଙ୍କ ମନରେ ଅପୂର୍ବ ଆନନ୍ଦ ଖେଳି ଯାଇଛି । ସୋନପୁର ସହରର ବ୍ଲକ୍ ଛକ ଯୁବ ସଂଗଠନ, ସମାଜସେବୀ ଶ୍ରୀବତ୍ସ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଦଧିବାମନ ମନ୍ଦିର କମିଟି ସମସ୍ତ ସଦସ୍ୟ, ସ୍ୱଚ୍ଛ ଭାରତ ସଂଗଠନ ସମେତ ବିଭିନ୍ନ ସଂଘ ପକ୍ଷରୁ ତୁଳସୀ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଓ ଆର୍ଥିକ ରାଶି ମଧ୍ୟ ପ୍ରଦାନ କରାଯାଇଛି ।

## ଶିକ୍ଷା

ପ୍ରତିଯୋଗିତାମୂଳକ ପରୀକ୍ଷାରେ ଇଂଲିଶ୍ ବାକ୍ୟର ବ୍ୟାକରଣଜନିତ ଭ୍ରମ ସଂଶୋଧନ ଏକ ଅନିର୍ବାଯ୍ୟ ଅଙ୍ଗ। ଛାତ୍ରୀଛାତ୍ରଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି ସକାଶେ ଆଧାର ଓଡ଼ିଶା ତରଫରୁ ଏହି ସ୍ତମ୍ଭକୁ ପ୍ରସ୍ତୁତ କରୁଛନ୍ତି ପ୍ରାଧ୍ୟାପକ ପ୍ରମୋଦ କୁମାର ରଥ।



# Correction of Errors

Wrong : One of the boys have answered my question correctly.
Right : One of the boys has answered my question correctly.
Wrong : Can you tell me who is your boss?
Right : Can you tell me who your boss is?
Wrong : I think it will not rain tomorrow.
Right : I don't think it will rain tomorrow.
Wrong : My car's window glass is broken.
Right : The window glass of my car is broken.
Wrong : The problems you are dealing are not man-made.
Right : The problems you are dealing with are not man-made.
Wrong : Sunil is accompanied with his brother.
Right : Sunil is accompanied by his brother.
Wrong : The sky is cloudy.It will rain.
Right : The sky is cloudy.It is going to rain.(be + going to is used to predict something on the basis of indication.)
Wrong : He has contributed articles to 'Statesman'.
Right : He has contributed articles to 'The Statesman'.
Wrong : The meeting is held today at 12.30pm in the Conference Hall.
Right : The meeting is held in the Conference Hall at 12.30pm today.(Word Order(Adverb of place,exact time and then general time)
Wrong : Will you join in our party?
Right : Will you join our party?

# କିଡ୍‌ନୀ ରୋଗ ନେଉଛି ଜୀବନ: ୪ ବର୍ଷରେ ମଲେଣି ୪୦



ସମ୍ବଲପୁର: ଫେଲ୍ ମାରିଛି ପ୍ରଶାସନ, ଫେଲ୍ ମାରିଛି ସରକାର । ଗୋଟିଏ ପଟେ ପ୍ରଶାସନ ସବୁଜାଣି ଚୁପ ବସିଥିବା ବେଳେ ଅନ୍ୟପଟେ ଡରାଉଛି କିଡ୍‌ନୀ ରୋଗ । ଦିନକୁ ଦିନ ପରିବାରକୁ ପରିବାର ଓ ଏବେ ଗାଁ ଠୁ ଗାଁ କାୟା ବିସ୍ତାର କରିବାରେ ଲାଗିଛି କିଡ୍‌ନୀ ରୋଗ । ଯାହାଫଳରେ ଗ୍ରାମବାସୀ ଛାନିଆ ହୋଇ ଭୟର ବାତାବରଣରେ ଜୀବନଯାପନ କରୁଛନ୍ତି । ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ କସଡା ପଞ୍ଚାୟତରେ କାୟା ବିସ୍ତାର କରିଛି ଏହି କିଡ୍‌ନୀ ରୋଗ । ପ୍ରଥମେ ମହାଲିନକୁଦର ଠାରୁ ଆରମ୍ଭ ହୋଇଥିବା କିଡ୍‌ନୀ ରୋଗ ଧରି ଧରି କର୍ମାଲୋଇ, ଖଏରଡିହି, ରାଙ୍କିବାହାଲ ଏହି ୪ଟି ଗ୍ରାମକୁ ଗ୍ରାସି ସାରିଲାଣି । ଲୋକେ କିଡ୍‌ନୀ ରୋଗ ଯୋଗୁଁ ୪୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଚାଲିଯାଇଥିବା ବେଳେ ବର୍ତ୍ତମାନ ଏହି ୪ଟି ଗ୍ରାମରୁ ଶତାଧିକ ରୋଗୀରେ ପଡି ଯନ୍ତ୍ରଣାରେ ପଡି ଛଟପଟ ହେଉଛନ୍ତି । ଗରିବ ଆଦିବାସୀମାନେ ଏହି ରୋଗରେ ଆକ୍ରାନ୍ତ ହେଉ ଥିବାରୁ ଚିକିତ୍ସା ପାଇଁ ଏବେ ଅର୍ଥ ବାଧକ ସାଜିଛି । ଏନେଇ ଗ୍ରାମବାସୀ ପ୍ରଶାସନ ପାଖରେ ନିଜର ଦୁଃଖ ବାରମ୍ବାର ବଖାଣି ଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ । ରୋଗ ଦିନକୁ ଦିନ ଅଣାୟତ ହୋଇ ବଢିବାରେ ଲାଗିଛି । ସରକାର ସ୍ୱାସ୍ଥ୍ୟ ସେବାନେଇ ବଡ଼ ବଡ଼ ଭାଷଣ ମାରୁଥିବା ବେଳେ ଲୋକେ ମଧ୍ୟ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ପ୍ରଶାସନ ଅଭିଯୋଗ ସତ୍ତ୍ୱେ ନିଦାବିଷ୍ଟ ସାଜିଥିବା ବେଳେ ଲେକେ ମୃତ୍ୟୁ ମୁଖରେ ପଡୁଛନ୍ତି । ସମସ୍ୟାର ସମାଧାନ ହେତୁ ଗ୍ରାମରେ ଚାନ୍ଦା କରାଯାଇଛି ପାଣି ପରୀକ୍ଷା ମଧ୍ୟ କରାଇଥିଲେ । ପାଣିରେ ଲୌହ ମାତ୍ରା ୪୮୦ ବାହାରୁ ଥିବା ଅମୂଲ୍ୟା ନାଏକ ନାମକ ଜଣେ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ଗ୍ରାମରେ ସ୍ଥିତି ଅତି ଭୟଙ୍କର ଅଟେ । ଏହି ରୋଗରେ ପିଡ଼ୀତ ହୋଇ ଗୋଟିଏ ପରିବାରରୁ ୨ରୁ୩ ମୃତ୍ୟୁ ବରଣ କରି ସାରିଲେଣି । ଏବେ ସହି ପରିବାର ଅସହାୟ ହୋଇ ପଡିଛି । ଏ ନେଇ କୁଚିଣ୍ଡା ଅଞ୍ଚଳର ବୁଦ୍ଧିଜୀବୀ ପ୍ରଭାବ ବହେରା କହିଛନ୍ତି ଏହି କିଡ଼ନୀ ରେଗ ପ୍ରସାଶନର ଅବେଳା କାରଣରୁ ଆଜି ଏହି ସ୍ଥିତି ଉପୁଜିଛି । ଏଥିପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଦାୟୀ । ସ୍ଥାନୀୟ ପ୍ରଶାସନ ଓ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଏହାର ସମାଧାନ କରିବା ପାଇଁ ଠୋସ ପଦକ୍ଷେପ ନେବା ଆବଶ୍ୟକ ହୋଇ ପଡିଛି । ସ୍ଥାନୀୟ ସମିତି ସଭ୍ୟ କହିଛନ୍ତି ଏହି ସମସ୍ୟା କେବଳ ଗୋଟିଏ ଗ୍ରାମରେ ନୁହେଁ ଏହି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଧରିଧରି ବଢିବାରେ ଲାଗିଛି । ଗ୍ରାମବାସୀ ସମସ୍ତ ନଳକୂପରୁ ନାଲି ଓ ଖରାପ ପାଣି ବାହାରୁଛି ସେହି ପାଣି ପିଇବା ଦ୍ୱାରା ଆଜି ଏହି ପରିସ୍ଥିତି ଦେଖାଦେଇଛି ବୋଲି ସେ ଅଭିଯୋଗ କରିଛନ୍ତି । ପାଣି ପରୀକ୍ଷା କରିଥିବା ବେଳେ ପାଣିରେ ଲୌହ ମାତ୍ର ଅଧିକ ପରିମାଣରେ ରହିଛି । ଯାହାର ପ୍ରଭାବ ସିଧାସଳଖ ଏଠାରେ ଥିବା ଠୋଟ ଛୁଆଙ୍କ ଠାରୁ ଆରମ୍ଭ କରି ବୃଦ୍ଧ ଓ ବୃଦ୍ଧାଙ୍କ ଉପରେ ପଡୁଛି । ମୁଁ ଏହି ବିଷୟରେ ବ୍ଲକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛି ।

# ୨ ବଖରାରେ ପଢୁଛନ୍ତି ୧୩୦ ଛାତ୍ରଛାତ୍ରୀ

ନବରଙ୍ଗପୁର: ନବରଙ୍ଗପୁର ଡାବୁଗାଁ ବ୍ଲକ୍‌ଏମ୍. ଖଟୁଗୁଡା ସରକାରୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି । ଏନେଇ ଅଭିଭାବକ ମାନେ ୧୦ ଦିନ ହେବ ବିଦ୍ୟାଳୟ ଫାଟକରେ ତାଲା ପକାଇଛନ୍ତି । ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଶ୍ରେଣୀ ଥିବାବେଳେ ୧୩୦ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ୧୩୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ରହିଛି ଦୁଇଟି ଶ୍ରେଣୀଗୃହ । ଯେଉଁଠି ଛାତ୍ରଛାତ୍ରୀ ମାନେ ଛେଳି, ମେଣ୍ଢା ଭଳି ପେଲା ଠେଲା ହୋଇ ବସି ପାଠ ପଢୁଛନ୍ତି । ତେବେ ବିଦ୍ୟାଳୟରେ ପାଚେରୀ ନଥିବା ଓ ଶିକ୍ଷକ ପଦବୀ ପୂରଣ କରିବା ଭଳି ସମସ୍ୟା ଗୁଡ଼ିକୁ ନେଇ ଗ୍ରାମବାସୀ ମାନେ ଅନେକ ଥର ଅଧିକାରୀଙ୍କ ନିକଟରେ ଗୁହାରୀ କରି ବିଫଳ ହେବାପରେ ବିଦ୍ୟାଳୟ ଫାଟକରେ ତାଲା ଦେଇ ଧାରଣାରେ ବସିଛନ୍ତି । ଫଳରେ ଶିକ୍ଷକ ମାନେ ଫାଟକ ବାହାରେ ବସିବସି ଘରକୁ ଫେରୁଛନ୍ତି । ଖବର ପାଇ ଡାବୁଗାଁ ବିଡ଼ିଓ, ବ୍ଲକ୍ ଶିକ୍ଷାଅଧିକାରୀ ଘଟଣାସ୍ଥଳକୁ ଯାଇ ଗ୍ରାମବାସୀଙ୍କୁ ବୁଝାଶୁଝା କରିଛନ୍ତି । ଦାବି ପୂରଣ ନାହିଁତ ବିଦ୍ୟାଳୟ ଚାବି ଖୋଲିବ ନାହିଁ ବୋଲି ଅଡ଼ି ବସିଛନ୍ତି ଗ୍ରାମବାସୀ । ଅନ୍ୟପଟେ ଶିକ୍ଷକ ପଦବୀ ପୂରଣ କରାଯିବ ଏବଂ ବିଦ୍ୟାଳୟର ଆବଶ୍ୟକତା ଅନୁସାରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ କରାଯିବ ବୋଲି ନବରଙ୍ଗପୁର ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ସାପ ଭୟରେ ଆମିଷ...

କରି ପି ପରେ ପି ନିଜକୁ ଆମିଷ ଠାରୁ ଦୂରେଇ ରଖି ଆସିଛନ୍ତ । ଗାଁରେ କୁକୁର ଓ ବିଲେଇ ରହିଥିଲେ ମଧ୍ୟ ସେମାନେ ମଧ୍ୟ ଆମିଷ ଖାଆନ୍ତି ନାହିଁ । ବେଷ୍ଣଶାଳିଆ ଗାଁର ଲୋକମାନେ ଘରେଘରେ କେବଳ ଗାଈ ରଖି ପୂଜା କରିଥାନ୍ତି । ଛେଳି, ମେଣ୍ଢା ଓ କୁକୁଡ଼ା ଏଠି ଦେଖିବା ସାତ ସପନ । ସେହିପରି ଗାଁରେ ଯେତେବେଳେ କୌଣସି ବାହାଘର, ବ୍ରତଘର କିମ୍ବା ଉତ୍ସବ ପାଳନ କରାଯାଏ ସେତେବେଳେ କେବଳ ନିରାମିଷ ଭୋଜିର ଆୟୋଜନ କରାଯାଇଥାଏ । ଗାଁରେ ଥିବା ସରକାରୀ ସ୍କୁଲରେ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଜରିଆରେ ଅଣ୍ଡା ବଦଳରେ କଦଳୀ ଓ ଅନ୍ୟ ଫଳମୂଳ ଦିଆଯାଇଥାଏ । ଖାଲି ସେତିକି ନୁହେଁ, ପଡ଼ୋଶୀ ଗାଁରେ ଯଦି କୌଣସି ଝିଅ ଆମିଷ ଖାଉଥିବେ, ତା'ହେଲେ ସେ ଏହି ଗାଁରେ ବୋହୂ ମଧ୍ୟ ହୋଇ ପାରିବେ ନାହିଁ । ସମାନ ନୀତିରେ ବାହାର ଗାଁରେ ଯେଉଁମାନେ ଆମିଷ ଖାଉଥିବେ, ସେମାନଙ୍କ ଘରେ ମଧ୍ୟ ଗାଁର କୌଣସି ଝିଅଙ୍କୁ ବାହା ଦିଆଯାଏ ନାହିଁ । ରାଜ୍ୟର କିଛି ଜିଲ୍ଲାରେ ରହିଥିବା ବୈଷ୍ଣବ ଧର୍ମର ଲୋକଙ୍କ ଘରେ ଏମାନେ ବନ୍ଧୁ ବାନ୍ଧିଥାଆନ୍ତି । ଗାଁର ଲୋକମାନେ ଗ୍ରାମ ଦେବତୀ ଭାବେ ମା' ସୁନାଝରୀ ଠାକୁରାଣୀଙ୍କୁ ପୂଜା କରିବା ସହିତ ପ୍ରତ୍ୟେକ ଦିନ ନାମ ସଂକୀର୍ତ୍ତନ ମଧ୍ୟ କରିଥାନ୍ତି ।

### ଯାତ୍ରାରେ ଅଶ୍ଳୀଳତା...

କେନ୍ଦ୍ରବିନ୍ଦୁ ପାଲଟିଛି । ନୃତ୍ୟ ଆଳରେ ଅଙ୍ଗ ପ୍ରଦର୍ଶନକୁ ନେଇ ଏବେ ପୁଣି ମୁଣ୍ଡ ଟେକିଛି ନୂଆ ବିବାଦ । ଛିଡ଼ା ହୋଇଛି ବିତର୍କ । ମୁହାଁମୁହିଁ ହୋଇଛନ୍ତି କଳାକାର ସଂଘ ଓ ଆୟୋଜକ । ରାଜ୍ୟ କଳାକାର ମହାସଂଘ ସମ୍ପାଦକ ଅଭିନେତା ବାପି ପଣ୍ଡା ଯାତ୍ରା ପେଣ୍ଡାଲରେ ଖୁଲମ୍‌ଖୁଲା ଅଙ୍ଗ ପ୍ରଦର୍ଶନ ପାଇଁ ଆୟୋଜକଙ୍କୁ ସିଧାସଳଖ ଦାୟୀ କରିଛନ୍ତି । ଆଉ କିଛି କଳାକାରଙ୍କ ମତରେ, ଯାତ୍ରାରେ ଅଧିକ ଅଶ୍ଳୀଳତା ଗ୍ରହଣୀୟ ନୁହେ । ଏହା ଏକ ସୀମା ମଧ୍ୟରେ ରହିବା ଆବଶ୍ୟକ । ଯାତ୍ରା ଦେଖିବାକୁ ଭଦ୍ରଲୋକ ଆସୁଛନ୍ତି । ଦର୍ଶକଙ୍କ ରୁଚିକୁ ସମ୍ମାନ ଦିଆଯିବା ଆବଶ୍ୟକ । ପରୋକ୍ଷରେ ହେଉ କିମ୍ବା ପ୍ରତ୍ୟକ୍ଷରେ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ଆଇଟମ୍ ନୃତ୍ୟ ଆଳରେ ଅଙ୍ଗ ପ୍ରଦର୍ଶନ ଏବେ ପାଲଟିଛି ନୂଆ ଟ୍ରେଣ୍ଡ୍ । ଦିନେ ଖଣ୍ଡଗିରି ଯାତ୍ରାରେ ଜଣେ ଦର୍ଶକଙ୍କ କାନ କାମୁଡ଼ି ଚର୍ଚ୍ଚାକୁ ଆସିଥିଲେ ଯାତ୍ରା ଜଗତର ଆଇଟମ୍ କୁଇନ୍ ରାଣୀ ପଣ୍ଡା । ଆଉ ଏବେ ରାନୀ ପ୍ରିୟଦର୍ଶିନୀଙ୍କ କଳା ପ୍ରଦର୍ଶନକୁ ନେଇ ହଟଚମଟ । ତେବେ ଯାତ୍ରା ପେଣ୍ଡାଲର ଖୋଲାମଞ୍ଚରେ ଏଭଳି ନୃତ୍ୟ ପ୍ରଦର୍ଶନ କେତେ ଉଚିତ?

### ବରଗଡ଼ ଧନୁଯାତ୍ରା ...

ବେଳେ ଆୟୋଜିତ ହେଉଛି ସ୍ୱତନ୍ତ୍ର ଆୟୋଜନ । ଏଥର ଧନୁଯାତ୍ରାର ବିଭିନ୍ନ ଭୂମିକା ପାଇଁ ମୋଟ ୨୨୩ ଜଣ ଆବେଦନ କରିଥିବା ବେଳେ ସେମାନଙ୍କ ମଧ୍ୟରେ ୬୦ ଜଣ କେବଳ କଂସ ଭୂମିକା ପାଇଁ ଆବେଦନ କରିଛନ୍ତି । ସେହିପରି ୨୨ଜଣ ମହାମନ୍ତ୍ରୀ, ସାର୍ତ୍ତକୀ ପାଇଁ ୪ଜଣ, ଚାଣୁର ମୁଷ୍ଟିକ ପାଇଁ୧୦ ଜଣ, ଅକ୍ରୁର ଭୂମିକା ପାଇଁ ୧୭ ଜଣ, ବସୁଦେବ ପାଇଁ୧୯ ଜଣ, ନାରଦ ପାଇଁ ୧୪ ଜଣ, ଉଗ୍ରସେନ ପାଇଁ ୭ଜଣ ଓ ଦେବକୀ ଭୂମିକା ପାଇଁ ୮ଜଣ ଆବେଦନ କରିଛନ୍ତି । ପୂର୍ବତନ କଂସ ଗୋପାଳ ସାହୁ ଓ ଅନ୍ୟ ୨ଜଣଙ୍କ ବୟସ ୬୦ ବର୍ଷ ଉପରେ ହୋଇଥିବାରୁ ସେମାନଙ୍କୁ ବାଦ ଦିଆଯାଇଛି । ଆବେଦନ କରିଥିବା କଳାକାରଙ୍କ ଚୟନ ପ୍ରକ୍ରିୟା ଆସନ୍ତା ୭,୯ ଓ ୧୦ ତାରିଖ ତିନି ଦିନ ଧରି ଚାଲିବ । ତେବେ କେବଳ କଂସ ଭୂମିକା ୧୦ ତାରିଖ ଦିନ କଳାକାର ଚୟନ କରାଯିବ ବୋଲି ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ କୁହାଯାଇଛି ।

# ୩ ଫୁଟ୍‌ର ଘରେ ୫ ପ୍ରାଣୀ କୁଟୁମ୍ବ



କୁଚିଣ୍ଡା: ଦଇବର କୋପ ଦୃଷ୍ଟି ପଡିଛି ଛୋଟ ଛୋଟ କୋମଳମତି ଶିଶୁଙ୍କ ଉପରେ । ସ୍ଥାନୀୟ ପ୍ରଶାସନର ଦୃଷ୍ଟି ମଧ୍ୟ ପଡୁନି । ଯାହାଫଳରେ ଭାଗ୍ୟକୁ ଆଦରି ୩ ଫୁଟ୍‌ର ଘର ହୋଇଛି ଓ ଛେଳି କୁକୁଡା ରହିବା ଭଳି ଘରରେ ଜଣେ କିମ୍ବା ୨ ଜଣ ନୁହଁନ୍ତି ରହୁଛନ୍ତି ୫ ଜଣ । ଏଭଳି ଘଟଣା ଦେଖିବାକୁ ମିଳିଛି କୁଚିଣ୍ଡା ଉପଖଣ୍ଡ ବାମରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ୧ ନମ୍ବର ୱାର୍ଡରୁ । ସବୁଠାରୁ ବଡକଥା ଯେ ଏହି ଘରେ ନା ଆଛି ଝରକା ନା ଆଛି କବାଟ । ଏହି ଛୋଟିଆ ଘରେ ଉପରେ ଉପରେ ଲଦି ହୋଇ ରାତ୍ରୀ ଯାପନ କରନ୍ତି । ପୁଣି ସେହି ଘର ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି । କେତେବେଳେ ଗଳି ପଡିବ ତାହା ମଧ୍ୟ କହି ପାରିବେନାହିଁ । ଏପରି ପରିସ୍ଥିତିରେ ନାବାଳକଙ୍କ ମୁହଁରେ ଦାନା ଯୋଗାଡ କରିବା ସମ୍ଭବ ହେଉନଥିବା ବେଳେ ପାଠ ପଢା ଦୂରର କଥା । ସରକାର ଏମାନଙ୍କ ପାଖରେ ଯୋଜନା ପହଞ୍ଚାଇବାରେ ଫେଲ ମାରିଛି । ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ଏମାନଙ୍କ ଦୁଃଖ ଶୁଣୁନଥିବା ଅଭିଯୋଗ କରିଛନ୍ତି । ଅତି ଦୁଃଖରେ ଜୀବନଯାପନ କରୁଛନ୍ତି ।

# ବର୍ଷ ବର୍ଷ ଧରି ନଦୀ ପାଣି ପିଉଛନ୍ତି ଲୋକେ



ମାଲକାନଗିରି: ଶୁଦ୍ଧ ପାନୀୟଜଳ ଘରେ ଘରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ଯୋଜନା ଉପରେ ଯୋଜନା କରୁଛନ୍ତି । ସେଥିପାଇଁ ସରକାରଙ୍କ ରାଜକୋଷରୁ କୋଟି କୋଟି ଅର୍ଥ ବ୍ୟୟ କରୁଛନ୍ତି । କିନ୍ତୁ ବାସ୍ତବରେ ତାହା କେତେ ସଫଳ ହେଉଛି ତାହାର ସଠିକ ନିରୂପଣ କରିବା ପାଇଁ ସରକାରଙ୍କ ଯେଉଁ ବ୍ୟବସ୍ଥା ରହିବା କଥା ତାହା ବାସ୍ତବ ଚିତ୍ର ଅଲଗା ଦେଖିବାକୁ ମିଳୁଛି । ସରକାରୀ କର୍ମଚାରୀଙ୍କ ଉଦାସୀନତା ପାଇଁ ମୁନ୍ଦିଏ ପାନୀୟଜଳ ପାଇଁ ତହଲ ବିକଳ ହେଉଛନ୍ତି ସାଧାରଣ ନିରୀହ ଲୋକେ । ଏପରି ଦୃଶ୍ୟ ଦେଖିଲେ ସ୍ପଷ୍ଟ ଜାଣି ହେଉଛି ଯେ ସରକାରଙ୍କ ପାନୀୟଜଳ ଯୋଜନା ଗୁଡିକ ସମ୍ପୂର୍ଣ୍ଣ ଭାବେ ଫେଲ ମାରିଛି ।

ଏପରି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଉପାନ୍ତ ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ହାଣ୍ଡରାହାଲ ପଞ୍ଚାୟତର ସନୁଗୁଡ଼ା ଗ୍ରାମରେ । ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ପରିବାର ରହୁଥିବା ବେଳେ ପ୍ରାୟ୧୫୦ ଲୋକ ବସବାସ କରୁଛନ୍ତି । ଗାଁରେ ଗୋଟିଏ ହେଲେ ନଳକୂପ ନାହିଁ ଯାହା ଫଳରେ ବର୍ଷ ବର୍ଷ ଧରି ନଦୀ ପାଣି ଉପରେ ନିର୍ଭର କରି ଆସୁଛନ୍ତି । ଗାଁ ପାଖରେ ଥିବା ନଦୀରେ ସବୁ ଦିନ ମହିଳାମାନଙ୍କ ଭିଡ଼ ଜମି ଥାଏ ଛ ଗାଧେଇବା, ଲୁଗାପଟା ସଫା କରିବା ଠାରୁ ଆରମ୍ଭ କରି ସବୁ କାମରେ ଲଗାଇଥାନ୍ତି ସେହି ପାଣିକୁ । ପର୍ବପର୍ବାଣୀ ହେଉ ବା ଭୋଜି କିମ୍ବା ଗାଁରେ ବନ୍ଧୁବାନ୍ଧବ ଆସିଲେ ନଦୀ ପାଣି ହିଁ ପିଇବାକୁ ଦିଅନ୍ତି । ନଦୀରେ ଓହ୍ଲାଇ ପାଣି ହାଣ୍ଡି ଧରି ଚଢ଼ିବା ବେଳେ ଅନେକ ସମୟରେ ମହିଳାମାନେ ପାଣି ହାଣ୍ଡି ସହିତ ପଡିଯାଇଛନ୍ତି ବୋଲି କହନ୍ତି । ପାଣି ଟପାଏ ପାଇଁ ଗର୍ଭବତୀ ମହିଳାମାନେ ମଧ୍ୟ ମୁଣ୍ଡରେ ପାନିହାଣ୍ଡି ଧରି ଘାଟି ଚଡନ୍ତି । କେତେ ବେଳେ ଅଘଟଣା ଘଟି ପାରେ କହିବା ମୁସ୍କିଲ୍ । ବର୍ଷ ବର୍ଷ ଧରି ଏପରିସ୍ଥିତିରେ ଦୁର୍ଗମ ଅଞ୍ଚଳର ଲୋକେ ପାଣି ସଂଗ୍ରହ କରୁଛନ୍ତି କିନ୍ତୁ ପ୍ରଶାସନର ଦୃଷ୍ଟି ନାହିଁ । ବର୍ଷା ଦିନରେ ନଦୀ ପାଣି ଦୂଷିତ ହେଲେ ମଧ୍ୟ କୌଣସି ବିକଳ୍ପ ନାହିଁ । ଦୂଷିତ ପାଣି ପିଉଥିବା ହେତୁ ନାନା ପ୍ରକାର ରୋଗରେ ଶିକାର ହେଉଛନ୍ତି । କିନ୍ତୁ ଏଥିପ୍ରତି ପ୍ରଶାସନର ଦୃଷ୍ଟି ନାହିଁ । କିନ୍ତୁ ରାଜ୍ୟ ସରକାର ପ୍ରତେକ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେଉଥିବା ଦିଣ୍ଡରା ପିଟୁଛନ୍ତି । ଗାଁ ଗାଁରେ ବସୁଧା ଯୋଜନାର ବର୍ଡ ମରାଯାଇଛି । କିନ୍ତୁ ଟପାଏ ବିଶୁଦ୍ଧ ଜଳ ପାଇ ଦୁର୍ଗମ ଅଞ୍ଚଳବାସି ତହଲ ବିକଳ ହୋଇଛନ୍ତି କିନ୍ତୁ ଏଥିପ୍ରତି ରାଜ୍ୟ ସରକାରଙ୍କ ଦୃଷ୍ଟି ନାହିଁ । ତେବେ ସରକାର କେବେ ବୁଝିବ ଏମାନଙ୍କ ଦୁଃଖ ଏବଂ କେବେ ଏମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେଉଛି ତାହା ଦେଖିବାର ବାକି ରହିଲା ।

# ପୋଲସରାର ଡେରା ପର୍ବ ଏକ ନିଆରା ଯାତ୍ରା



ଆର. କାମରାଜୁ ପାତ୍ର



ପୋଲସରାର ଡେରା ପର୍ବ ଏକ ନିଆରା ହିନ୍ଦୁଧର୍ମ ଆଧାରିତ ମନୋରଞ୍ଜନଧର୍ମୀ ସାମାଜିକ ପରମ୍ପରା। କେବେଠାରୁ ଏହି ଡ଼େରା ପର୍ବ ବା ଗୌରିଆମ୍ମା ଯାତ୍ରା ପୋଲସରାରେ ଆାରମ୍ଭ ହୋଇଥିଲା ତାହାର କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ। ତେବେ ୧୯୪୮ ମସିହାଠାରୁ ଦୀର୍ଘ ୨୭ ବର୍ଷ ବନ୍ଦ ରହିବା ପରେ ଏହା ପୁନର୍ବାର ୧୯୭୬ ମସିହାରେ ଆାରମ୍ଭ ହୋଇଥିଲା। ବୟସ୍କମାନଙ୍କଠାରୁ ଏହି ଲେଖକ ଶୁଣିଥିବା ମୁତାବକ ଡେରା ପର୍ବ ପୋଲସରାରେ ବନ୍ଦ ହେବା ପଛର କାରଣ ଥିଲା ବାଡ ବିବାଦ।

ଦକ୍ଷିଣ ଓଡ଼ିଶାର ଅନେକ ପୁରୁଣା ଜନବସତିରେ ଏବେ ବି ବାଡବିବାଦ ରହିଛି। ବାଡବିବାଦ କେନ୍ଦ୍ରରେ ଧାର୍ମିକ ସ୍ଥଳୀଟିଏ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ରହିଥାଏ। ପୋଲସରାବାସିନ୍ଦା ପୋଲସରା ଓ ପାଟଣା ବାଡରେ ବିଭାଜିତ ହୋଇ ବିଭିନ୍ନ ଧାର୍ମିକ ଉତ୍ସବରେ ପରସ୍ପର ମଧ୍ୟରେ ପ୍ରତିଯୋଗିତା କରୁଥିଲେ। ବିଶେଷ ଭାବେ ଦୋଳ ଯାତ ବେଳେ ଏହି ବାଡବିବାଦ ଅଧିକ ଘନୀଭୂତ ହେଉଥିଲା। ଫଗୁଦଶମୀଠାରୁ ଦୋଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ଜଗନ୍ନାଥ ସାହିସ୍ଥିତ ଦଧିବାମନ ମନ୍ଦିରର ପାଲିଙ୍କି ଏବଂ ମାଧବପୃଷ୍ଟି ସାହି ଗୋପିନାଥ ମନ୍ଦିରର ପାଲିଙ୍କି ନଗର ଭ୍ରମଣିରେ ବାହାରି ବଜାର ସାହିର ପଶ୍ଚିମ ମୁଣ୍ଡରେ ଅବସ୍ଥିତ ଧମକ ଉପରେ ମୁହାଁମୁହିଁ ହେଉଥିଲେ। ପାଲିଙ୍କି ନଚାଇବାଠାରୁ ଆରମ୍ଭ କରି ରୋଶଣୀ, ବାଣ ଓ ବାଜା ବାଇଦ ପର୍ଯ୍ୟନ୍ତ ସବୁଥିରେ ପ୍ରତିଯୋଗିତା। ବଜାର ସାହି ଧମକ ଥିଲା ତତ୍କାଳୀନ ପୋଲସରାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଯେହେତୁ ଏହା ବଜାରସାହି, ଡେରା ସାହି, ମାଧବପୃଷ୍ଟି ସାହି ଓ ଓଡ଼ିଆ ସାହିର ଛକ ଯାଗା। ଧମକ ଉପରେ ଗୋଟିଏ ପଥର କୂଅ ଗୋପିନାଥଙ୍କ ସବାରୀର ସନ୍ଧିସ୍ଥଳ ଥିଲା। କୂଅଠାରୁ ଦଶ ବାର ଫୁଟ ଦୂର ପୂର୍ବ ଦିଗରେ ପଥର ଚଉଁରା। ତାହାଥିଲା ଦଧିବାମନ ଜିଉଙ୍କ ବିଜେ ପ୍ରତିମାର ସନ୍ଧିସ୍ଥଳ। ଗୋପିନାଥଙ୍କ ପାଲିଙ୍କି କୂଅ ପାଖରେ ଓ ଦଧିବାମନଙ୍କ ପାଲିଙ୍କି ଚଉଁରା ରହି ମୁହାଁମୁହିଁ କିଛି ସମୟ ପ୍ରତିଯୋଗିତା କରିବା ପରେ ଚଉଁରା ଓ କୂଅ ମଝି ରାସ୍ତା ଦେଇ ଦଧିବାମନଙ୍କ ପାଲିଙ୍କି କୂଅର ଦକ୍ଷିଣ ପଟ ଦେଇ ଓଡ଼ିଆ ସାହି କନ୍ଦି ରାସ୍ତାରେ ମନ୍ଦିରକୁ ଫେରି ଯାଉଥିଲା। ମଝି ମଝିରେ ପ୍ରତିଯୋଗିତାରୁ ପ୍ରତିଦ୍ୱନ୍ଦ୍ୱିତା, ସେଇଠୁ ଛିଗୁଲାଛିଗୁଲି ଯାହାକି ତିକ୍ତତା ସୃଷ୍ଟି କରୁଥିଲା। ଏହା ପରେ ପରସ୍ପର ଉପରକୁ ଢେଲାପଥର ମାଡ ହେଉଥିଲା। ଏହା ସତ୍ତ୍ୱେ ସମଗ୍ର ଗ୍ରାମବାସୀ ବାଡବିବାଦକୁ ଛାଡି ଏକତ୍ରିତ ହୋଇ ଡେରାପର୍ବ ବା ଠାକୁରାଣୀ ଯାତ କରୁଥିଲେ। ଗୌରିଆମ୍ମାଙ୍କ ଅସ୍ଥାୟୀ ଆସ୍ଥାନ ଡେରାସାହିରେ ହେବା ପରମ୍ପରା ଥିଲା ଏବଂ ଏବେ ବି ରହିଛି। ତେଣୁ ସେହି ସାହି ପାଟଣାବାଡ ଇଲାକାରେ ଥିଲେ ବି ତାହା ଉଭୟ ବାଡର କୋଠ ସାହି ମାନ୍ୟତା ପାଇଥିଲା ଏବଂ ବିବାଦରୁ ଊର୍ଦ୍ଧ୍ୱରେ ରହୁଥିଲା। ମାତ୍ର ୧୯୪୮ ମସିହା ଠାକୁରାଣୀ ଯାତ୍ରା ବେଳେ ଡେରା ସାହିରେ ପାଟଣାବାଡର ଲୋକେ ରୋଶଣୀ ଓ ବାଣ ଫୁଟାଇବା ହେତୁ ବାଡବିବାଦ ଘମାସାନ ହୋଇ ଠାକୁରାଣୀ ଯାତ୍ରାକୁ ସଂକ୍ରମିତ ହେଲା। ପୋଲସରା ଓ ପାଟଣାବାଡ ଲୋକେ ବଜାର ସାହି ଧମକରେ ଦୁଇ ବାଡ ସନ୍ଧିସ୍ଥଳରେ ଉଚ୍ଚା ବାଉଁଶ ଚାଞ୍ଚ ରଖି ପରସ୍ପର ଉପରକୁ ଢେଲା ପଥର ମାଡ କଲେ। ହିଂସା କାଣ୍ଡ ତୀବ୍ର ହେଲା। ସେ ସମୟରେ ପୋଲସରାରେ ଜଣେ ଅତି ପ୍ରତିପ୍ରତିଶାଳୀ ବ୍ୟକ୍ତି ଥିଲେ ବଳଭଦ୍ର ପଟ୍ଟନାୟକ। ଠିକ୍ ଧମକ ଉପରେ ତାଙ୍କର ଘର। ଗୌରିଆମ୍ମା ଯାତ୍ରାରେ ହରଗୌରିଙ୍କ ବିଜେ ପ୍ରତିମା ଯାତ୍ରା ବେଳେ ସବୁଦିନ ତାଙ୍କ ଘର ଆଗକୁ ଆସି ପୂଜା ପାଉଥିଲେ ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏବେ ବି ଯାତ୍ରା ସମୟରେ ପୂର୍ବ ପରମ୍ପରାକୁ ବଜାୟ ରଖି ଶ୍ରୀ ଶ୍ରୀ ଗୌରିଆମ୍ମାଙ୍କ ଅସ୍ଥାୟୀ ଆସ୍ଥାନ ଡେରା ସାହିରୁ ବିଜେ ପ୍ରତିମା ଭ୍ରମଣିରେ ବାହାରିବା ପରେ ପ୍ରଥମେ ବଜାର ଧମକସ୍ଥିତ ବଳଭଦ୍ର ପଟ୍ଟନାୟକଙ୍କ ଘର ସାମ୍ନାରେ ପୂଜିତ ହୋଇ ଅନ୍ୟ ସାହିକୁ ବିଜେ କରୁଛନ୍ତି। ଗୌରିଆମ୍ମାଙ୍କ ଯାତ୍ରାରେ ବାଡ ବିବାଦ ପଶି ପରିସ୍ଥିତି ଭୟାବହ ହେବାରୁ ବଳଭଦ୍ର ପଟ୍ଟନାୟକ ନିଜେ କୁଆଡେ ବିଜେ ପ୍ରତିମାଙ୍କୁ ନେଇ ବିସର୍ଜନ କରାଇ ଦେଇଥିଲେ। ସେବେଠାରୁ ଯାତ୍ରା ବନ୍ଦ ହୋଇଯାଇଥିଲା ତାହା ସହିତ ବାଡ ବିବାଦ ମଧ୍ୟ। ୧୯୭୬ ମସିହାରେ ଡେରା ସଂପ୍ରଦାୟର ବିଭିନ୍ନ ଆଗ୍ରହୀ ବ୍ୟକ୍ତି ଯେପରି କି ଆର. ହରିହର ପାତ୍ର, ଏନ. ରଘୁନାଥ ପାତ୍ର, କେ. ବାଉରୀ ପାତ୍ର, ଜି.ସାଧୁ ପାତ୍ର ଆଦି ମିଶି ପୁନର୍ବାର ଯାତ୍ରା ଆରମ୍ଭ କରିବାକୁ ପ୍ରୟାସ କରିଥିଲେ। ବୋଧହୁଏ ଅତୀତର ପରମ୍ପରାକୁ ଆଧାର କରି ସେହି ଉଦ୍ୟୋକ୍ତାମାନେ ବଳଭଦ୍ର ପଟ୍ଟନାୟକଙ୍କ ପାଳିତ ପୁତ୍ର କୋଦଣ୍ଡପାଣି ପଟ୍ଟନାୟକଙ୍କୁ ଡାକି ସମନ୍ୱୟକାରୀର ଦାୟିତ୍ୱ ଦେଇଥିଲେ । ୧୯୭୬ ମସିହା ଯାତ୍ରାରେ କୌଣସି ବାଡ ବିବାଦ ରହିଲା ନାହିଁ ହୁଏତ ଏଇଥି ପାଇଁ ଯେ ପୂର୍ବେ ବାଡ ବିବାଦରେ ମାତିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ମୃତ୍ୟୁ ଘଟିସାରିଥିଲା କିମ୍ବା ସେମାନେ ଅତି ବୁଢା ହୋଇଯାଇଥିଲେ। ନୂଆ ପିଢି ବାଡ ବିବାଦ କ'ଣ ଜାଣି ନ ଥିଲେ। ୧୯୭୬ ମସିହା ଓ ୧୯୭୮ ମସିହା ଯାତ୍ରା ପରେ ୧୯୮୦ ଯାତ୍ରା ବେଳକୁ ଗାଁ ବି ବଢିଯାଇଥିଲା ଏବଂ ଯାତ୍ରାର ଆକାର ଓ ପ୍ରକାର ବି ବଦଳି ଯାଇଥିଲା। ଏଣୁ କୋଦଣ୍ଡପାଣି ପଟ୍ଟନାୟକଙ୍କ ସଭାପତିତ୍ୱରେ ଗାଁର ବିଭିନ୍ନ ବରିଷ୍ଠ ଓ ବିଶିଷ୍ଟ ବ୍ୟକ୍ତି ତଥା ଡେରା ସଂପ୍ରଦାୟର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ନେଇ ଯାତ୍ରା ପରିଚାଳନା ଲାଗି ଏକ କମିଟି ଗଢା ଯାଇଥିଲା ଯାହା କି ପରବର୍ତ୍ତୀ ସମୟରେ ରନ୍ନୀ ମହାମାୟୀ ଉନ୍ନୟନ ସେବାସଂଘ ନାମରେ ସରକାରୀ ଭାବେ ସୋସାଇଟି ଆକ୍ଟରେ ପଞ୍ଜୀକୃତ ହୋଇଥିଲା।

୧୯୭୬ ମସିହାର ପୋଲସରା ଅପେକ୍ଷା ଏବର ପୋଲସରାର ଆୟତନ ଓ ଜନସଂଖ୍ୟା ବହୁଗୁଣିତ ହୋଇ ଯାଇଛି। ଯାତ୍ରା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ତଦାରଖ ଲାଗି ଅଧିକ ମାନବସମ୍ବଳର ଆବଶ୍ୟକତା ପଡୁଛି। ତେଣୁ ଏବେ ଯାତ୍ରା କମିଟିରେ ରନ୍ନୀ ମହାମାୟୀ ଉନ୍ନୟନ ସେବା ସଂଘ ବା ସ୍ଥାୟୀ କମିଟିର ସଦସ୍ୟଙ୍କ ସହ ଗ୍ରାମ ସଭାରୁ ବି ସହଯୋଗୀ ସଦସ୍ୟ ଚୟନିକୃତ ହୋଇ ଆସୁଛନ୍ତି। ବିଭିନ୍ନ ସାହିରୁ ବି ସହଯୋଗୀ ସଦସ୍ୟ ନିଆଯାଉଛି। ଶ୍ରୀ ଶ୍ରୀ ଗୌରିଆମ୍ମାଙ୍କ ଆଶୀର୍ବାଦରୁ ଯାତ୍ରା ବେଳେ କୌଣସି ବିଶୃଙ୍ଖଳା ହୋଇ ନାହିଁ କି ଅଘଟଣ ଘଟିନାହିଁ। ଯଦିଓ ଏବେ ପୋଲିସ ବାହିନୀ ଆସି ରହୁଛନ୍ତି, କିନ୍ତୁ କ୍ୱଚିତ୍ କୌଣସି ବିଶୃଙ୍ଖଳା ଅଭିଯୋଗ ସେମାନଙ୍କ ନିକଟକୁ ଯାଉଛି। ପ୍ରଥମତଃ ଯାତ୍ରା କମିଟି ସବୁବେଳେ ଦଳୀୟ ଓ ରାଜନୈତିକ ପ୍ରଭାବରୁ ମୁକ୍ତ ରହି ଆସିଛି। ଯାତ୍ରା ବେଳେ କମିଟିର ନିର୍ଦ୍ଦେଶକୁ ସମସ୍ତେ ମାନି ନିଅନ୍ତି। ପୋଲସରା ଠାକୁରାଣୀ ଯାତ୍ରାର ଏକ ବିଶିଷ୍ଟ ଦିଗ ହେଲା ଗାଁ କମିଟି ଓ ଡେରା ସଂପ୍ରଦାୟ ମଧ୍ୟରେ ତାଳମେଳ। ଗୋଟିଏ ପଟେ ଡେରା ବା ଦେବାଙ୍ଗୁଲୁ ସଂପ୍ରଦାୟ ଯେଉଁମାନେ କି ସେବାୟତ ଦାୟିତ୍ୱ ତୁଲାନ୍ତି, ସେମାନେ ଯାତ୍ରା ସମ୍ବନ୍ଧିତ ଅର୍ଥ, ଶାନ୍ତି, ଶୃଙ୍ଖଳା, ଶୋଭାଯାତ୍ରା ଆଦି କାର୍ଯ୍ୟରେ ମୁଣ୍ଡ ପୂରାଉ ନ ଥିବା ବେଳେ ଯାତ୍ରା କମିଟି ବି ଦେବନୀତି ବା ଯାତ୍ରାର କୌଣସି ପାରମ୍ପରିକ ବ୍ୟାପାରରେ ହସ୍ତକ୍ଷେପ କରନ୍ତି ନାହିଁ। ଯାତ୍ରା କମିଟିରେ ଦେବାଙ୍ଗୁଲୁ ସଂପ୍ରଦାୟର ଯେଉଁ ସଦସ୍ୟ ଥିଲେ ବା ଅଛନ୍ତି, ସେମାନେ ବି ଯାତ୍ରା କମିଟି ଓ ପୋଲସରାର ବୃହତର ସ୍ୱାର୍ଥକୁ ନିଜ ସଂପ୍ରଦାୟ ଅପେକ୍ଷା ଅଧିକ ପ୍ରାଧାନ୍ୟ ଦେଇ ଆସିଥିବାର ଲକ୍ଷ୍ୟ କରାଯାଇଛି।

**ସମ୍ପାଦକ ଦେବାଙ୍ଗୁଲୁ ସଂଘ,**
**ପୋଲସରା**

## ପୋଲସରା ଡେରା ପର୍ବ ନେଇ କିମ୍ବଦନ୍ତୀ

ଡେରା ସଂପ୍ରଦାୟଙ୍କ ମାତୃଭାଷା ହେଲା ତେଲୁଗୁ। ବସ୍ତ୍ର ବୁଣିବା ହେଉଛି ସେମାନଙ୍କ କୌଳିକ ବୃତ୍ତି। ସେମାନେ ଓଡ଼ିଶାକୁ କିଭଳି, କାହିଁକି ଓ କେବେ ଆସିଲେ ସେ ନେଇ ନାନା କାହାଣୀ ରହିଛି। ସେ ସବୁ ଏଠାରେ ଉଲ୍ଲେଖ କରିବା ସମ୍ଭବପର ନୁହେଁ। ଦକ୍ଷିଣ ଓଡ଼ିଶାର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ହିଁ ସେମାନଙ୍କ ବସତି। ସେ ମଧ୍ୟରୁ ପୋଲସରା ଗୋଟିଏ ଯେଉଁଠି ଡେରାମାନଙ୍କ ଏକ ସାହି ରହିଛି। ଡେରା ସଂପ୍ରଦାୟଙ୍କ ନିକଟରେ ଥିବା ବିଭିନ୍ନ ନଥିପତ୍ରରୁ ଜଣାପଡୁଛି ଯେ ୧୯୪୨ ମସିହାରେଏହି ଅଞ୍ଚଳରେ ହଇଜା ବ୍ୟାପୀ ଥିଲା। ଡେରା ସଂପ୍ରଦାୟ ସେମାନଙ୍କ ପରମ୍ପରା ଓ କୌଳିକ ରୀତିନୀତି ମୁତାବକ ପୋଲସରାର ଗ୍ରାମଦେବତୀ ରନ୍ନୀ ଠାକୁରାଣୀଙ୍କୁ ପରିବାରର ଝିଅ ଭାବେ ଆବାହନ କରି ଆଣି ଗ୍ରାମରେ ବୁଲାଇବା ପରେ ହଇଜା ଥମିଥିଲା। ସେହି କୌଳିକ ଯାତ୍ରାରେ ଗ୍ରାମବାସୀଙ୍କ ସକ୍ରିୟ ଯୋଗଦାନ ପାରିବାରିକ ଉତ୍ସବକୁ ସାମାଜିକ ଉତ୍ସବରେ ପରିଣତ କରିଦେଇଛି। ଶ୍ରୀ ଶ୍ରୀ ଗୌରିଆମ୍ମାଙ୍କ ଯାତ୍ରା ସାଧାରଣତଃ କାର୍ତ୍ତିକ ମାସରେ ହୁଏ ଯଦିଓ ଗଞ୍ଜାମର ଅନ୍ୟ ପ୍ରମୁଖ ଠାକୁରାଣୀ ଯାତ୍ରା ଖରାଦିନେ ହୁଏ ଯେପରି କି ବ୍ରହ୍ମପୁର, ବୋଇରାଣୀ ଆଦି ସ୍ଥାନରେ ଦେଖିବାକୁ ମିଳେ। ହିନ୍ଦୁ ରୀତିରେ କାର୍ତ୍ତିକ ମାସ ହେଉଛି ଧର୍ମ ମାସ। ଦ୍ୱିତୀୟତଃ ଏବେ ସିନା ହାଇବ୍ରିଡ ଧାନ ବିହନ ଯୋଗୁଁ ତିନି ମାସରେ ଫସଲ ଅମଳ ହୋଇଯାଉଛି, ମାତ୍ର ପୂର୍ବେ ମାର୍ଗଶୀର ଦ୍ୱିତୀୟ ସପ୍ତାହ ପୂର୍ବରୁ ଧାନ ପାଚୁ ନ ଥିଲା। ଆଶ୍ୱିନ ମାସର ଗର୍ଭଣା ସଂକ୍ରାନ୍ତି ବେଳକୁ ଧାନଗଛ ପୁଡା ବାନ୍ଧି କେଣ୍ଡା ପଡିବା ସ୍ଥିତିକୁ ଆସୁଥିଲା। ସେବେଠାରୁ ପ୍ରାୟତଃ ବିଲରେ ଗାଇଗୋରୁ ଯେଭଳି ଖାଇ ନ ଯିବେ ତାହାକୁ ଜଗିବା ବ୍ୟତୀତ ଚାଷୀଭାଇର ଆଉ ବିଶେଷ କାମ ରହୁ ନ ଥିଲା। ହେମନ୍ତ ଋତୁ ଓଡ଼ିଶାରେ ନାତିଶୀତୋଷ୍ଣ ପାଣିପାଗ ଦେଇଥାଏ। ଏଣୁ ଯାତ୍ରା ଲାଗି ସବୁ ଦିଗରୁ ଅନୁକୂଳ ଭାବି ବୋଧହୁଏ ପୋଲସରାର ଡେରା ପର୍ବ କାର୍ତ୍ତିକ ମାସରେ ଅନୁଷ୍ଠିତ ହେଉଛି। ଏହି ଯାତ୍ରା ବେଳେ ବେଳେ ସରିଲା ବେଳକୁ ମାର୍ଗଶୀର ପ୍ରଥମ ସପ୍ତାହ ହୋଇଯାଏ।

## ଦେବନୀତି

କୁମାର ପୂର୍ଣ୍ଣିମା କିମ୍ବା ତା'ପରେ କୌଣସି ଶୁଭ ଦିନ ଓ ମୁହୂର୍ତ୍ତ ଦେଖି ଡେରା ସଂପ୍ରଦାୟର ପୁରୁଷ ଲୋକମାନେ ବାଜାବାଜେଣୀ ପଣାପାଣି ଗଜାମୁଁଆ ସହ ପୋଲସରାର ଗ୍ରାମଦେବତୀ ରନ୍ନୀ ଠାକୁରାଣୀଙ୍କ ମନ୍ଦିରକୁ ଦେବୀ ଗୌରିଆମ୍ମାଙ୍କ ଆବାହନ ଲାଗି ଯାଆନ୍ତି। ଢୋଲ, ଚାଙ୍ଗୁ ବାଦ୍ୟ, ଘଂଟ ମୃଦଙ୍ଗର ନିନାଦ ମଧ୍ୟରେ ଷୋଡଶ ଉପଚାରରେ ପୂଜା ସାରି ମା' ରନ୍ନୀଙ୍କ ଆଜ୍ଞା ମାଳ ଓ ବିଲରୁ ଧାନଗଛ ଧରି ଅସ୍ଥାୟୀ ଆସ୍ଥାନକୁ ଆସନ୍ତି। ଏହାପରେ ସେମାନେ କୁମ୍ଭାର ଘରୁ ମାଟି ନେଇ ମୂର୍ତ୍ତି ନିର୍ମାଣ ଲାଗି ସ୍ୱର୍ଣ୍ଣକାରଙ୍କୁ ଦିଅନ୍ତି। ସବୁ ସ୍ୱର୍ଣ୍ଣକାରଙ୍କ କିନ୍ତୁ ମୂର୍ତ୍ତି କରି ନ ଥାନ୍ତି। ଏଣ୍ଟୁମୁରୁ କୂଳର ସ୍ୱର୍ଣ୍ଣକାର ହିଁ ଏହି ବିଜେ ପ୍ରତିମା ନିର୍ମାଣ କରିଥାନ୍ତି। ମୂର୍ତ୍ତି ନିର୍ମାଣ ପରେ ସ୍ୱର୍ଣ୍ଣକାରଙ୍କ ଘରେ ହିଁ ପ୍ରାଣ ପ୍ରତିଷ୍ଠା ହୋଇଥାଏ। ଶ୍ରୀ ଶ୍ରୀ ଗୌରିଆମ୍ମା ଯାତ୍ରାର ବିଜେପ୍ରତିମା ବୃଷଭାରୁଢ ହରଗୌରି ସେଠାରୁ ପ୍ରଥମେ ଅସ୍ଥାୟୀ ଆସ୍ଥାନକୁ ଆସି ପରେ ନଗର ଭ୍ରମଣି କରନ୍ତି। ଯଦିଓ ଯାତ୍ରା ଗୌରିଆମ୍ମାଙ୍କ କିନ୍ତୁ ସେ ହରଙ୍କ ସହ ହିଁ ଭ୍ରମଣ କରିଥାନ୍ତି। ଏହି ନଗରଭ୍ରମଣିରେ ସାମାଜିକ ଚିତ୍ର ସ୍ପଷ୍ଟ ପରିଲକ୍ଷିତ ହେଉଛି। ସାମାଜିକ ରୀତି ହେଲା ଯେ ଝିଅ ବାହା ହୋଇ ଗଲା ପରେ ସାଧାରଣତଃ ଜ୍ୱାଇଁଙ୍କ ସହ ବାପା ଘରକୁ ଆସିଥାଏ। ଯେତେବେଳେ ସେ ବୁଲିବାକୁ ଯାଏ, ସେତେବେଳେ ସେ ନିଜ ସ୍ୱାମୀଙ୍କ ସହ ହିଁ ଯିବା ସ୍ୱୀକୃତ ହୋଇଥାଏ। ଏହି ଚିନ୍ତାଧାରା ହିଁ ହରଗୌରୀଙ୍କ ବିଜେ ପ୍ରତିମାଙ୍କ ନଗର ଭ୍ରମଣିରେ ପ୍ରତିଫଳିତ ହେଉଛି। ସାଧାରଣ ଭାବେ ଦେଖିଲେ ଗୌରିଆମ୍ମାଙ୍କ ଯାତ୍ରା ଏକ ମାନସିକ ଯାତ୍ରା। ଯେଉଁମାନେ ଗୌରିଆମ୍ମାଙ୍କ ନିକଟରେ କିଛି ମାନସିକ, ବିଶେଷ ଭାବେ ସନ୍ତାନସନ୍ତତିଙ୍କ ଲାଗି ରଖିଥାନ୍ତି, ସେମାନେ ମାନସିକ ପୂରଣ ହେଲା ପରେ ଯାତ୍ରା ସମୟରେ ସେହି ପିଲାଙ୍କୁ ବିଭିନ୍ନ ପୌରାଣିକ ଚରିତ୍ରର ବେଶ ପକାଇ ଅତି କମ୍‌ରେ ୭ଟି ଘର ବୁଲି ମାଆଙ୍କ କାର୍ଯ୍ୟ ଲାଗି ଦକ୍ଷିଣା ସଂଗ୍ରହ କରିବା ସଙ୍ଗେ ସଙ୍ଗେ ମାଆଙ୍କ ନିକଟରେ ଭୋଗରାଗ କରିଥାନ୍ତି। ଏହା ବ୍ୟତୀତ ଲୋକେ ବିଭିନ୍ନ ମାନସିକ ରଖି ଯାତ୍ରା ଅବଧି ଭିତରେ ମାଆଙ୍କ ନିକଟରେ ଅସ୍ଥାୟୀ ଆସ୍ଥାନରେ ଜଳକଳଶରେ ଜଡାତେଲ ଦେଇ ଅଖଣ୍ଡ ଦୀପ ବସାଇଥାନ୍ତି। ଏହି ଯାତ୍ରାକୁ ଧନୀଗରିବ, ଜାତି, ଧର୍ମ, ବୟସ ନିର୍ବିଶେଷରେ ସମସ୍ତେ ଅତି ଆନନ୍ଦ ଉତ୍ସାହର ସହ ମନାଇଥାନ୍ତି। ପୋଲସରା ଯାତ୍ରାର ବିଶେଷତ୍ୱ ହେଲା ଯେ ଏଠାରେ ବିଭିନ୍ନ ସାହିରୁ ନାନା ପୌରାଣିକ ଘଟଣାକୁ ନାଟ୍ୟରୂପ ଦେଇ ତକ୍ତା ବା ଭ୍ରାମ୍ୟମାଣ ମଞ୍ଚ ହରଗୌରିଙ୍କ ନଗରଭ୍ରମଣି ଶୋଭାଯାତ୍ରାରେ ଅଂଶଗ୍ରହଣ କରନ୍ତି ଯାହାକି ଅନ୍ୟ କେଉଁଠି ଦେଖିବାକୁ ମିଳେ ନାହିଁ।

Printed by Kishor Chandra Padhi and Published by Siba Prasad Sasamala, Printed at Anupam printers,Shed No. D-2/14, Industrial Estate, Mancheswar, Bhubaneswar, Published from Gurudwara Chowk, Bargarh-768028 (Odisha), Ph.0674-2911731, Email-aadharodisha8@gmail.com

Editor: Dr. Jyotirmaya Patnaik
ସମ୍ପାଦକ– ଡ. ଜ୍ୟୋତିର୍ମୟ ପଟ୍ଟନାୟକ